ଧରିତ୍ରୀ
DHARITRI
August 11-17, 2024 ₹ 2/-

# ଶହୀଦଙ୍କ ପରିବାର



ବୀର ଶହୀଦଙ୍କ ବଳିଦାନକୁ ସମସ୍ତେ ମନେପକାଇ ଗର୍ବ କରନ୍ତି। ତେବେ ସେହି ଶହୀଦଙ୍କ ଅବର୍ତ୍ତମାନରେ କେମିତି ରହିଥାଏ ତାଙ୍କ ପରିବାର...

ପ୍ରଚ୍ଛଦ ପ୍ରସଙ୍ଗ ୩

# ବେଲ ଗଛ ଲଗାଇଲେ ମିଳେ ଏହି ଆଶୀର୍ବାଦ

**ବେଲପତ୍ରକୁ ଭଗବାନ ଶିବଙ୍କର ତିନି ନେତ୍ରର ପ୍ରତୀକ ବୋଲି କୁହାଯାଇଥାଏ। ସେଥିପାଇଁ ଏହି ପତ୍ର ମହାଦେବଙ୍କର ଅତି ପ୍ରିୟ ହୋଇଥାଏ। ପବିତ୍ର ମନରେ ବେଲଗଛଟିଏ ଲଗାଇଲେ ଅନେକ ଶୁଭଫଳ ମିଳିଥାଏ...**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଅଗଣା କିମ୍ବା ବଗିଚାରେ ବେଲଗଛ ଲଗାଇଲେ ନକରାତ୍ମକ ଶକ୍ତି ନଷ୍ଟ ହୋଇ ସକରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ।

* ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଏହି ଗଛ ଘରର ସଦସ୍ୟମାନଙ୍କୁ ଚନ୍ଦ୍ର ଦୋଷରୁ ମୁକ୍ତ କରିଥାଏ। ମାନସମ୍ମାନ ବଢାଇବାରେ ସାହାଯ୍ୟ କରେ।

* ଘରେ ବେଲଗଛଟିଏ ଲଗାଇଲେ ଘରର ବାତାବରଣ ଶୁଦ୍ଧ ହେବା ସହ ଗୃହ କଳହରୁ ରକ୍ଷା ମିଳିଥାଏ।

* ଘର ଅଗଣା ହେଉ ଅଥବା ଏହାର ଆଖପାଖ ଅଞ୍ଚଳରେ



ବେଲଗଛ ଲାଗିଥିଲେ, ସାପ ତଥା ଅନ୍ୟ ବିଷାକ୍ତ ଜୀବଜନ୍ତୁ ପାଖ ମାଡ଼ିବାର ସମ୍ଭାବନା ପ୍ରାୟ ନଥାଏ।

* କୁହାଯାଏ, ଘରର ଉତ୍ତର ପଶ୍ଚିମ ଦିଗରେ ବେଲଗଛ ଲାଗିଥିଲେ ଯଶ ବଢିବା ସହ କରଜରୁ ଶୀଘ୍ର ମୁକ୍ତି ମିଳିଥାଏ। ଉତ୍ତର-ପୂର୍ବ ଦିଗରେ ଲାଗିଥିଲେ ସୁଖଶାନ୍ତି ବୃଦ୍ଧିପାଏ। ଆଉ ବାସସ୍ଥାନର ଠିକ୍ ମଝି ଅଂଶରେ ଲାଗିଥିଲେ, ଜୀବନରେ ମଧୁରତା ଆସିଥାଏ।

* ସେହିପରି ବିଶ୍ୱାସ ରହିଛି, ଘର ଅଗଣାରେ ବେଲଗଛଟିଏ ଲଗାଇ ତାହାକୁ ନିୟମିତ ପୂଜା କଲେ ସନ୍ତାନ ପ୍ରାପ୍ତିର ସୁଖ ମିଳିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୧୧-୧୭

### ମେଷ



କାର୍ଯ୍ୟାରମ୍ଭରେ ସଫଳତା, ବନ୍ଧୁ ସହଯୋଗ ପାଇବେ, ହିତୈଷୀଙ୍କ ପରାମର୍ଶ, ନୂତନମିତ୍ରତା, ମୂଲ୍ୟବାନ ଦ୍ରବ୍ୟ ଲାଭ, ସାମୟିକ ଖୁସି ରହିବେ, ପ୍ରତିବନ୍ଧକ ସୃଷ୍ଟି, ଟେନ୍‌ସନ ବଢ଼ିବ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଜମିଜମା କ୍ରୟବିକ୍ରୟ, ଗୃହସୀମା ବିବାଦ ॥

### ବୃଷ



ସମସ୍ୟା ସମାଧାନ, ଧାତୁ ଅଳଙ୍କାର କ୍ରୟ, ନୂତନ କର୍ମାରମ୍ଭ, ସ୍ୱାସ୍ଥ୍ୟରେ ଉନ୍ନତି, କର୍ମକ୍ଷେତ୍ରରେ ପ୍ରଶଂସା, ପରିବାରରେ ଭୁଲ୍ ବୁଝାମଣା, ଦୃଷ୍ଟିକୋଣ ବଦଳିଯିବ, ଯୋଗଶିକ୍ଷାରେ ରୁଚି, ଭ୍ରମଣପ୍ରିୟ ହେବେ, ସମ୍ପର୍କୀୟଙ୍କ ବୈରିତା ॥

### ମିଥୁନ



କର୍ମଦକ୍ଷତାରୁ ପ୍ରଶଂସା, ନୂତନଦାୟିତ୍ୱ ନେବେ, ଆର୍ଥିକ ଦୃଢ଼ବସ୍ଥା, ଭ୍ରାତୃସମ୍ପର୍କରେ ଉନ୍ନତି, ବସ୍ତ୍ରଭୂଷଣ ପ୍ରାପ୍ତି, ଗୃହରେ କଳହ, ବନ୍ଧୁ କ୍ଷୁବ୍ଧ ହେବେ, ଶାରୀରିକ ଅସୁସ୍ଥତା, ଅଶୌଚଖବର ପାଇବେ ॥

### କର୍କଟ



ମାନସିକ ଅସ୍ଥିରତା, ସମାଲୋଚିତ ହେବେ, ଭୁଲ୍ ଅସ୍ୱୀକାର କରିବେ, ଋଣଗ୍ରସ୍ତ ହୋଇପାରନ୍ତି, ଯାନ୍ତ୍ରିକ ମରାମତି, ସାମାଜିକ ସମ୍ମାନ ପାଇବେ, ଆନୁଷ୍ଠାନିକ କର୍ମାରମ୍ଭ, ବ୍ୟବସାୟିକ ଉନ୍ନତି ॥

### ସିଂହ




ସ୍ୱାସ୍ଥ୍ୟରେ ଉନ୍ନତି, ନୂଆବନ୍ଧୁ ସମ୍ପର୍କ, କଳାପ୍ରିୟ ହେବେ, ଅତିଥିଚର୍ଚ୍ଚାରୁ ଆନନ୍ଦ, କାର୍ଯ୍ୟସମ୍ପୂର୍ଣ୍ଣ କରିବେ, ଅର୍ଥଲାଭ ଅବଶ୍ୟମ୍ଭାବୀ, ପାରିବାରିକ ଶାନ୍ତି, ଆଶା ପୂରଣ ହେବ, ବନ୍ଧୁ ସାହାଯ୍ୟ କରିବେ, ମକଦ୍ଦମାରେ ବିଜୟ ॥

### କନ୍ୟା



ବନ୍ଧୁଙ୍କ ସଦ୍‌ଭାବ, ଯାତ୍ରାରେ ସଫଳତା, କାମ ଅଟକିବ ନାହିଁ, ଅଧ୍ୟୟନରେ ଏକାଗ୍ରତା, ଲକ୍ଷ୍ୟହାସଲ କରିବେ, ପରୋକ୍ଷ ଶତ୍ରୁତା, ସହକର୍ମୀଙ୍କ ଅସହଯୋଗ, ଶ୍ରମଜନିତ କ୍ଳାନ୍ତିବୋଧ, ବିଦେଶଯାତ୍ରାର ସୁଯୋଗ ॥

### ତୁଳା



ସ୍ୱାସ୍ଥ୍ୟ ଭଲ ରହିବ, ଯୋଜନା ବଦଳାଇବେ, ମାନସିକ ସ୍ଥିରତା, ଦ୍ୱନ୍ଦ୍ୱର ଅବସାନ, ଲୋକସମ୍ପର୍କ ବୃଦ୍ଧି, ଫଳପ୍ରଦ ଆଲୋଚନା, ପରିବାରରେ ବିତର୍କ, ମକଦ୍ଦମାରୁ ଦୁଶ୍ଚିନ୍ତା, ଲେଖାପଢାରେ କୁଶଳ, ଧର୍ମକାର୍ଯ୍ୟରେ ବାଧା ॥

### ବିଛା



ବୈଷୟିକ ସମୃଦ୍ଧି, ସମୟାନୁବର୍ତ୍ତିତାରୁ ପ୍ରଶଂସା, ଆତ୍ମୀୟଙ୍କ ଅନାଦର, ପାରିବାରିକ କଳହ, ସୁଯୋଗ ହାତଛଡା ହେବ, ଅନଟନ ଦୂର ହେବ, ପରିସ୍ଥିତିକୁ ସମ୍ଭାଳିନେବେ, ଆମୋଦପ୍ରମୋଦର ମଉକା, ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରାରେ ସଫଳତା, ଯୁକ୍ତିତର୍କଠାରୁ ଦୁରେଇ ରହନ୍ତୁ ॥

### ଧନୁ




ଶୁଭଖବର ପ୍ରାପ୍ତି, ଯୋଜନାବଦ୍ଧ କାମ, ଭ୍ରମଣରେ କାର୍ଯ୍ୟସିଦ୍ଧ, ପାରିବାରିକ ସହମତି, ସମସ୍ୟା ସୁଧାରି ନେବେ, ମନଟା ବିଗିଡିଯିବ, ସ୍ତ୍ରୀଙ୍କ ଅଭିଯୋଗ, ଟେନସନ୍ ବଢିଯିବ, ରକ୍ତଚାପ ସମସ୍ୟା, ଠକାମିରେ ପଡିପାରନ୍ତି, ସାମ୍ବାଦିକତାରୁ ଗୌରବ ॥

### ମକର



କାର୍ଯ୍ୟହାନୀରୁ କ୍ଷୋଭ, ଅନ୍ୟକୁ ଦାୟୀ କରିବେ, ବନ୍ଧୁଙ୍କ କାର୍ଯ୍ୟରେ ସନ୍ଦେହ, ରାଜନୈତିକ ବିବାଦ, ସାହିତ୍ୟାନୁରାଗ, ଅଶାନ୍ତିକର ପରିବେଶ, ଅପମାନିତ ହୋଇପାରନ୍ତି, ବିବ୍ରତବୋଧ କରିବେ, ପରିବହନରେ ଝଗଡା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ ॥

### କୁମ୍ଭ



ବିବାଦୀୟ ପରିସ୍ଥିତି, ପ୍ରତୀକ୍ଷିତ ଖବରପ୍ରାପ୍ତି, ସନ୍ଦେହମୁକ୍ତହେବେ, ବ୍ୟବହାରରେ କୁଶଳ, ବକେୟା ଅର୍ଥ ଆଦାୟ, ଡାକ୍ତରଙ୍କ ପରାମର୍ଶ, ସମ୍ପର୍କୀୟଙ୍କ ସହ ମିତ୍ରତା, ସମସ୍ୟାର ସମାଧାନ, କଚେରୀ ମାମଲାରେ ବିଜୟ, ଋଣ ପରିଶୋଧ, ଅନୁସନ୍ଧାନରେ ସଫଳତା ॥

### ମୀନ



କାର୍ଯ୍ୟସିଦ୍ଧିରୁ ଆନନ୍ଦ, ବନ୍ଧୁମିଳନର ଯୋଜନା, ଆର୍ଥିକ ଅନଟନ, ଆତ୍ମୀୟସ୍ୱଜନଙ୍କ ସହଯୋଗ, କ୍ରନିକ୍ ରୋଗରେ ପୀଡା, ବିପଦମୁକ୍ତ ହେବେ, ଅପ୍ରିୟସତ୍ୟରୁ କଳହ, ଯାତ୍ରାସ୍ଥଗିତ ରହିବ, ପରୀକ୍ଷାରେ ସଫଳତା, ବକେୟା ଅର୍ଥଲାଭ, ନିଯୁକ୍ତିପତ୍ର ପାଇବେ ॥

# ତ୍ରିରଙ୍ଗାର ତିନି ରଙ୍ଗ ...

ତ୍ରିରଙ୍ଗାର ତିନୋଟି ରଙ୍ଗ ଆମକୁ ଅନେକ ସକରାତ୍ମକ ସଙ୍କେତ ଦେଇଥାଏ। ଯେମିତିକି: ଏହାର ପ୍ରଥମ ରଙ୍ଗ ନାରଙ୍ଗୀ ; ଯାହାକୁ ସାମାଜିକତାର ପ୍ରତୀକ ବୋଲି କୁହାଯାଏ। ମାନସିକ ସ୍ତରରେ ବ୍ୟକ୍ତିଙ୍କୁ ଦୃଢ଼ କରିବାରେ ଏହି ରଙ୍ଗ



ସହାୟକ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଦ୍ୱିତୀୟ ରଙ୍ଗ ହେଉଛି ଧଳା ; ଯାହାକି ଶାନ୍ତି ଓ ଶୁଦ୍ଧତାର ପ୍ରତୀକ। ବ୍ୟକ୍ତିଙ୍କର ଖୋଲା ବିଚାର ଓ ସ୍ୱତନ୍ତ୍ରତା ଉପରେ ଏହି ରଙ୍ଗ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି ଜ୍ଞାନୀଗୁଣି ବ୍ୟକ୍ତିମାନେ ମତ ଦେଇଥାନ୍ତି। ଶେଷରେ ହେଉଛି ସବୁଜ ରଙ୍ଗ ; ଯାହାକି ମନରୁ ଅବସାଦ ଦୂର କରି ଭାଇଚାରା ବଢାଇବାରେ ବ୍ୟକ୍ତିଙ୍କୁ ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ତ୍ରିରଙ୍ଗାକୁ ଯଥେଷ୍ଟ ସମ୍ମାନ ଦେବା ଯେତିକି ଜରୁରୀ ଏହାର ତିନୋଟି ରଙ୍ଗର ଭାବାର୍ଥକୁ ବୁଝିବା ମଧ୍ୟ ସେତିକି ଜରୁରୀ।

# ପାଠକୀୟ

* ରବିବାର ଛୁଟିଦିନ ସଂଖ୍ୟାରେ ''ମାତାପିତା ଓ ସନ୍ତାନ'' ପ୍ରସଙ୍ଗଟି ବେଶ୍ ଆକର୍ଷଣୀୟ ଥିଲା। ଏଥିରୁ ଅନେକ ଶିକ୍ଷଣୀୟ କଥା ଶିଖିହେଲା। ସହରଠୁ ଦୂରରେ ନୂଆ ନୂଆ ସ୍ଥାନ ବିଷୟରେ ଜାଣିବାକୁ ମିଳୁଥିବାରୁ ଖୁସି ଲାଗିଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରୁ 'ତିଳକର ମାହାତ୍ମ୍ୟ' ସମ୍ପର୍କରେ ସବିଶେଷ ତଥ୍ୟ ଜାଣିହେଲା।

*– ନିରୁପମା ପ୍ରଧାନ , ସିରୋଲ, ଟିଟିଲାଗଡ଼*

* ଦିନେ ଯୌଥ ପରିବାରର ସ୍ନେହ ଆକାଟ ଭିତରେ ବଢୁଥିଲା ପିଲାଟି। ଏବେ କିନ୍ତୁ ପ୍ରାୟ ଏକକ ପରିବାର। ମା'ବାପା ସନ୍ତାନର ଭବିଷ୍ୟତ ପାଇଁ ସତତ ଯତ୍ନବାନ। ତଥାପି ବି ପିଲା ଆଜି ଏକୁଟିଆ। ତେଣୁ ପିଲାଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଅଭିଭାବକଦ୍ୱର ଭୂମିକା ଏବେ ହୋଇପଡିଛି ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମାତାପିତା ଓ ସନ୍ତାନ' ଶୀର୍ଷକ ଆଲେଖ୍ୟଟି ବେଶ୍ ଶିକ୍ଷଣୀୟ ହୋଇଥିଲା। 'ଶ୍ରାବଣ ମାସରେ କ'ଣ କରିବା ଶୁଭ', 'ରାଗ କମାଇବେ କିପରି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଅକ୍ଷୟ ମହାନ୍ତି, ସିଟି ରୋଡ୍, ପୁରୀ*

* ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ପୈଠାନୀ ଶାଢ଼ି ଫ୍ୟାଶନ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗାଳ୍ପିକ, ଅନୁବାଦକ, ଶିକ୍ଷାବିତ୍ ଡ. ନାରାୟଣ ବାରିକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସିଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ବର୍ଷାର ଚାରୋଟି ସ୍କେଚ୍' ଶୀର୍ଷକ ଗପଟି ବେଶ୍ ମନଛୁଆଁ ଥିଲା।

*– ସୌମେନ୍ଦ୍ର ଶତପଥୀ, କେନ୍ଦ୍ରାପଡ଼ା*

* ସାହିତ୍ୟିକା ନନ୍ଦିତା ମହାନ୍ତିଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ହୋଇଥିଲା। 'ଏମିତି ବି ଥିଲା ଟ୍ୟାକ୍ସ' ଶୀର୍ଷକ ପାଠଟି ଯେମିତି ତଥ୍ୟପୂର୍ଣ୍ଣ ଥିଲା ସେମିତି ରୋଚକ ବି ଲାଗୁଥିଲା। ମଡେଲ୍ ମିରର୍‌ରେ କୁମୁଦିନୀ ବେଶ୍ ସୁନ୍ଦରୀ ଲାଗୁଥିଲେ।

*– ଜିତେନ୍ଦ୍ର ସାହୁ, ବ୍ରହ୍ମପୁର*

* ସହର ପୃଷ୍ଠାରୁ ପିଲିଭିତ୍ ବ୍ୟାଘ୍ର ଅଭୟାରଣ୍ୟ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରୁ 'ପରିକ୍ଷିତ ଏମିତି କାହିଁକି ଭୁଲ୍ କଲେ' ଶୀର୍ଷକ ପାଠଟି ମନଛୁଆଁ ହେବା ସହ ଶିକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରୁ 'ସବୁଠୁ ବେଶି କ୍ଲୋନ ହେଇଥିବା କୁକୁର', 'ମୂଷାଙ୍କ ଦୁନିଆ', 'ଇମୋଶନାଲ ରୋବୋ' ଶୀର୍ଷକ ପାଠଗୁଡ଼ିକ ବେଶ୍ ମଜାଦାର୍ ଥିଲା।

*– ପୁଷ୍ପେନ୍ଦ୍ର ଦାଶ, ମୟୂରଭଞ୍ଜ*




## ବିଶେଷ ଚିଠି

ଏଥରର ପ୍ରଚ୍ଛଦରେ ଥିଲା
ମାତାପିତା ଓ ସନ୍ତାନ,
ହୋଇଥିଲା ଭାରି ନିଆରା
ଶିଖାଇଲା ନୂଆନୂଆ କଥାମାନ।
ତା'ସାଙ୍ଗକୁ ପୁଣି ଥିଲା ସାଥୀ
ସିନେମା ଓ ସହରଠୁ ଦୂର
ମନ କିଣି ନେଉଥିଲା ପୁଣି
ତୁମ ବିବିଧା ବ୍ୟାକ୍‌ପେଜ୍‌ର ଖବର।
ସତରେ ଛୁଟିଦିନ
ତୁମ ପରି ନୁହେଁ କେହି ପ୍ରିୟତମ।

*– ମିନତି ମହାନ୍ତି,*
*କଳ୍ପନା ଛକ, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଶହୀଦଙ୍କ ପରିବାର

ଦେଶକୁ ସୁରକ୍ଷା ଦେବାର ସୁଯୋଗ ସମସ୍ତଙ୍କୁ ମିଳି ନ ଥାଏ । ହେଲେ ଯେଉଁ ବୀର ଯବାନମାନଙ୍କୁ ଏହି ସୁଯୋଗ ମିଳିଥାଏ ସେମାନଙ୍କ ସାହସ, ବୀରତ୍ୱ, ତ୍ୟାଗ, ଧୈର୍ଯ୍ୟ ସବୁବେଳେ ସବୁ ସମୟରେ ପ୍ରେରଣା ହୋଇ ରହିଥାଏ । ଆଉ ଯୁଦ୍ଧରେ ପ୍ରାଣବଳି ଦେଇଥିବା ବୀର ଯବାନମାନେ ତ ଯୁଗଯୁଗକୁ ଅମର ହୋଇ ରହିଯାଆନ୍ତି । ଶହୀଦ ହେବାପରେ ସାରା ଦେଶ, ଆତ୍ମୀୟସ୍ୱଜନ ସମସ୍ତେ ତାଙ୍କର କର୍ତ୍ତବ୍ୟ ନିଷ୍ଠାକୁ ନେଇ ଗର୍ବ ଅନୁଭବ କରନ୍ତି । ଶହୀଦ ପରିବାରର ସଦସ୍ୟ ତାଙ୍କୁ ମନେପକାଇ ଗର୍ବ ଅନୁଭବ କରୁଥିବାବେଳେ ତାଙ୍କ ବିନା କେମିତି କଟେ ତାଙ୍କ ପ୍ରତିଟି ମୁହୂର୍ତ୍ତ । ଏମିତି କୋଡୋଟି ଶହୀଦ ପରିବାର ସଦସ୍ୟଙ୍କ ବେଦନାଭରା ଅବ୍ୟକ୍ତ କୋହର କଥାକୁ ନେଇ ଏଥରର ପ୍ରଚ୍ଛଦ...

**ସ୍କୁଲ ବୟସରୁ ନିଜକୁ ସୈନିକ ଭାବି ନେଇଥିଲେ:** ସ୍କୁଲ ବୟସରେ ସେ ରଫ୍‌ଖାତାରେ ନିଜ ନାମ ସହିତ ସୋଲ୍‌ଜର ବୋଲି ଲେଖୁଥିଲେ । ଜଣେ ବୀରସୈନିକ ହେବାର ସ୍ୱପ୍ନ ଦେଖୁଥିଲେ । ସେ ହେଲେ ଭଦ୍ରକ ଜିଲାର ଚାନ୍ଦବାଲି ବ୍ଲକ ଅଧୀନ ଉତୁକୁଡା ଗ୍ରାମ ପଞ୍ଚାୟତ (ତତ୍କାଳୀନ ମତୋ ଗ୍ରାମପଞ୍ଚାୟତ) ପାଙ୍ଗୁଡା ଗ୍ରାମର ଆକୁଳି ଚରଣ ବେହେରା ଓ ଦ୍ରୋପଦୀ ବେହେରାଙ୍କ ସାନପୁଅ **ନିରଞ୍ଜନ ବେହେରା** । ୧୯୭୧ ମେ ୧୩ ତାରିଖରେ ଏକ ଚାଷୀ ପରିବାରରେ ନିରଞ୍ଜନଙ୍କ ଜନ୍ମ । ୧୯୮୬ରେ ସେ ମତୋ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିଥିଲେ । ସେନା ବାହିନୀରେ କାମ କରିବା ତାଙ୍କ ଜୀବନର ଲକ୍ଷ୍ୟଥିଲା । ପଢିବା ବେଳେ ତାଙ୍କୁ ଯିଏ ବି ପଚାରୁଥିଲା ବଡ଼ ହେଲେ କ'ଣ ହେବୁ ? ସେ ସୋଲ୍‌ଜର୍ ହେବି ବୋଲି କହୁଥିଲେ । ଏପରିକି ନିଜ ରଫ୍‌ଖାତାରେ ସୋଲଜର ଏନ. ବେହେରା ଲେଖୁଥିଲେ । ପରେ ଚାନ୍ଦବାଲି ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ବାଣିଜ୍ୟରେ ପାସ୍ କରିବାପରେ ୧୯୮୯ରେ ସେନା ବାହିନୀରେ ଯୋଗ ଦେଇଥିଲେ । ୧୯୯୩ ମସିହାରେ ତାଙ୍କର ବିବାହ ହୁଏ । ବେଶ୍ ସୁଖରେ କଟୁଥିଲା ତାଙ୍କର ବୈବାହିକ ଜୀବନ । ଏହି ସମୟରେ ଆରମ୍ଭ ହୁଏ କାରଗିଲ୍ ଯୁଦ୍ଧ । ଯୁଦ୍ଧରେ ସାମିଲ ହୁଅନ୍ତି ନିରଞ୍ଜନ । ୨୪। ୦୭। ୧୯୯୯ର କଥା । ଶତ୍ରୁ ପକ୍ଷରୁ ବିଛାଯାଇଥିବା ଲ୍ୟାଣ୍ଡମାଇନସ୍ ବିସ୍ଫୋରଣରେ କାରଗିଲ ସେକ୍ଟର ଯୁଦ୍ଧକ୍ଷେତ୍ରରେ ଶେଷରେ ଶହୀଦ ହୁଅନ୍ତି । କାରଗିଲ ଶହୀଦ ଭାବେ ଦେଶ ତାଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହିତ ତାଙ୍କ ଜନ୍ମସ୍ଥାନ ପାଙ୍ଗୁଡା ଗ୍ରାମ ନିକଟରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେଲା । ସେଠାରେ ଏକ ସମାଧିପୀଠ ଓ ସ୍ମୃତିସ୍ତମ୍ଭ ମଧ୍ୟ ନିର୍ମାଣ କରାଯାଇଛି । କାରଗିଲ ବିଜୟ ଦିବସ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦ ନିରଞ୍ଜନ ବେହେରାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉଛି । ଓଡିଶାର ୯ମ ଓ ଭଦ୍ରକ ଜିଲାର ପ୍ରଥମ କାରଗିଲ ଶହୀଦ ହେଉଛନ୍ତି ନିରଞ୍ଜନ । ନିରଞ୍ଜନଙ୍କ ସ୍ତ୍ରୀ–ସନ୍ଧ୍ୟାରାଣୀ ବେହେରା କୁହନ୍ତି, 'ସ୍ୱାମୀ କାରଗିଲରେ ଶହୀଦ ହେଲେ । ସେତେବେଳେ ମୋର ପୁଅ ସମ୍ପିତଙ୍କୁ ଅଢେଇ ବର୍ଷ । ସ୍ୱାମୀ ଶହୀଦ ବୋଲି ଗର୍ବ ତ ଅନୁଭବ କରୁଥାଏ କିନ୍ତୁ ସାରା ଦୁନିଆଟା ମତେ ଅନ୍ଧାର ଦେଖାଯାଉଥାଏ । ପୁଅକୁ ଚାହିଁ ଖାଲି କାନ୍ଦୁଥାଏ । ଏବେ ପୁଅ ବି.ଟେକ୍. ସାରି ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ । ଚଳିତବର୍ଷ ତାର ବିବାହ ହୋଇଛି । ପରିବାରରେ ବୋହୂ–ସତ୍ୟପ୍ରଭା ବେହେରା । ମୋ ଶାଶୁ ଶ୍ୱଶୁରଙ୍କର ଦେହାନ୍ତ ହୋଇସାରିଛି । ପରିବାର କହିଲେ ମୋ ପୁଅ, ବୋହୂଙ୍କୁ ନେଇ ଚାନ୍ଦବାଲି ବଡବଜାରରେ ରହୁଛୁ । ମୁଁ ଚାନ୍ଦବାଲି ତହସିଲ ଅଫିସରେ ବରିଷ୍ଠ ସହାୟକ (ସିନିୟର ଆସିଷ୍ଟାଣ୍ଟ) ଭାବରେ କାର୍ଯ୍ୟରତ । ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଚାକିରି ଓ ଶହୀଦଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ଏକ ପ୍ଲଟ ଦିଆଯାଇଛି । ସରକାରଙ୍କ ତରଫରୁ ସ୍ୱାମୀଙ୍କର ପେନସନ୍ ମିଳୁଛି । । ପ୍ରତିବର୍ଷ ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକ ପାଳନ ହେଉଛି । ଉଗ୍ରତାରା ସ୍ଥିତି ତାଙ୍କ ଘରେ ଏକ ଶହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ପ୍ରଶାସନ, ସ୍ଥାନୀୟ ପୋଲିସ୍, ଅବସରପ୍ରାପ୍ତ ସେନା କର୍ମଚାରୀ ପକ୍ଷରୁ ଶହୀଦଙ୍କ ଶ୍ରାଦ୍ଧ ତିଥି, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ପାଙ୍ଗୁଡାସ୍ଥିତ ତାଙ୍କ ସମାଧି ପୀଠ ଓ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥାଏ । ଭଦ୍ରକ–ଚାନ୍ଦବାଲି ରାସ୍ତାରୁ ଶହୀଦଙ୍କ ଗାଁକୁ ସଂଯୋଗ କରୁଥିବା ଏକ ରାସ୍ତାକୁ ସରକାର ଶହୀଦ ନିରଞ୍ଜନ ମାର୍ଗ ଭାବରେ ନାମିତ କରିଛନ୍ତି । ଆଜି ଶହୀଦର ସ୍ତ୍ରୀ ଭାବରେ ମୁଁ ବହୁତ ଗର୍ବ ଅନୁଭବ କରେ ।



**ବୀର ସ୍ୱାମୀଙ୍କ ପାଇଁ ଗର୍ବ କରେ:** ଏ ମାଟି ବଳିଦାନର ! ଏ ମାଟି ଶହୀଦଙ୍କର । ଆଜକୁ ପଚିଶ ବର୍ଷତଳେ ଦେଶମାତୃକାର ସେବା ପାଇଁ ଶତ୍ରୁପକ୍ଷ ସହିତ ଲଢେଇ କରି ସବୁଦିନ ପାଇଁ ଜୀବନ ଉତ୍ସର୍ଗ କରିଥିଲେ ବୀରଯବାନ **ପ୍ରକାଶ ପରିଡ଼ା** । କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଶ୍ରୀରାମପୁର ଗ୍ରାମ । ଏହି ଗ୍ରାମର ପ୍ରଫୁଲ୍ଲ ପରିଡ଼ା ଓ ଶ୍ରୀମତୀ ଶଶିଦେବୀଙ୍କର ମଧ୍ୟମ ପୁତ୍ର ହେଲେ ପ୍ରକାଶ ପରିଡ଼ା । ସେ ସ୍କୁଲ ସମୟରୁ ଜଣେ ସୈନିକ ହେବାପାଇଁ ମନ ଭିତରେ ସ୍ଥିର କରିନେଇଥିଲେ । ୧୯୮୬ ମସିହାରେ ସେ ଭାରତୀୟ ସୈନ୍ୟ ବିଭାଗରେ ସୈନିକ ଭାବେ ଯୋଗ ଦେଇଥିଲେ । କିନ୍ତୁ ୧୯୯୯ ମସିହାରେ ପାକ୍ ଆତଙ୍କବାଦୀ ଯେତେବେଳେ ପାର୍ଲାମେଣ୍ଟ ଉପରେ ଆକ୍ରମଣ କଲେ, ସେହି ସମୟରେ ପ୍ରକାଶ ଜମ୍ମୁ–କଶ୍ମୀରର ଦରାଜ ସେକ୍ଟରରେ ପ୍ରତିପକ୍ଷ ଶତ୍ରୁଙ୍କ ସହିତ ବୀରତ୍ୱର ସହ ଲଢି ୫ଜଣଙ୍କୁ ଗୁଳିକରି ମାରି ଦେଇଥିଲେ । ପରେ ଶତ୍ରୁପକ୍ଷର ଗୁଳିମାଡ଼ରେ ଡିସେମ୍ବର ୧୯ ତାରିଖରେ ପ୍ରକାଶ ସବୁଦିନ ପାଇଁ ଶହୀଦ ହୋଇଯାଇଥିଲେ । ଶହୀଦ ପ୍ରକାଶଙ୍କ ମରଶରୀର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟ ସରକାରଙ୍କ ୧୨୦ ବାଟାଲିୟନ ପକ୍ଷରୁ ତୋପ ସଲାମ ଦିଆଯାଇଥିଲା । ସେହିଦିନ ସନ୍ଧ୍ୟାରେ ଅମର ଶହୀଦ ପ୍ରକାଶଙ୍କ ଜନ୍ମଭୂଇଁ ଶ୍ରୀରାମପୁରରେ ତାଙ୍କର ମରଶରୀର ପହଞ୍ଚିବା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ତିନିମୁହାଣି ଛକ ନିକଟରେ ବିରାଟ ଶୋଭାଯାତ୍ରାରେ ବୀର ଶହୀଦ ପ୍ରକାଶ ଅମର ରହେ ଧ୍ୱନିରେ ଭୂମିରୁ ଭୂମା ଯାଏ ପ୍ରକମ୍ପିତ ହୋଇଥିଲା । କେବଳ ତାଙ୍କ ପରିବାର ନୁହେଁ ସାରା ଅଞ୍ଚଳ ଯେମିତି ସ୍ତବ୍ଧ ହୋଇଯାଇଥିଲା । ଶହୀଦଙ୍କ ୮୦ ବର୍ଷୀୟା ମା' ଶଶିରେଖା ଦେବୀ କୁହନ୍ତି, 'ମୋର ୩ ପୁଅଙ୍କ ମଧ୍ୟରୁ ମଝିଆ ପୁଅ ପ୍ରକାଶ ସେନାରେ ଯୋଗଦେଇ ଶହୀଦ ହୋଇଗଲା । ବଡ଼ପୁଅ ପ୍ରସନ୍ନ ମଧ୍ୟ ସୈନିକ ହୋଇ ଅବସର ନେଇଛି । ବୀରପୁଅଙ୍କୁ ଜନ୍ମଦେଇ ସର୍ବଦା ଗର୍ବ ଅନୁଭବ କରୁଛି' ।ଏକଥା କହିବାବେଳେ ବୀର ଶହୀଦଙ୍କ ମା'ଙ୍କ ଆଖିର ଲୁହ କିନ୍ତୁ ବୋଲ ମାନୁ ନ ଥିଲା । ଏବେ ଶହୀଦ ପ୍ରକାଶଙ୍କ ଦୁଇ ପୁଅଙ୍କ ମଧ୍ୟରେ ବଡ଼ ସାଇ ଦେବାଶିଷ ଓ ସାନପୁଅ ସାଇ ସରୋଜ କଲେଜରେ ପାଠ ପଢୁଛନ୍ତି । ପ୍ରକାଶଙ୍କ ପତ୍ନୀ ବିନିଦେବୀ କୁହନ୍ତି, 'ମୁଁ ସେତେବେଳେ ଜଳନ୍ଧରରେ କ୍ୱାର୍ଟରରେ ଥିଲି । ଯୁଦ୍ଧ ଆରମ୍ଭ ହେବାରେ ସେ ପରିବାରକୁ ଛାଡ଼ି ପଞ୍ଜାବରୁ ସିଧାସଳଖ ଜମ୍ମୁ କାଶ୍ମୀର ଯୁଦ୍ଧକ୍ଷେତ୍ରକୁ ଚାଲି ଯାଇଥିଲେ । ପିଲାମାନଙ୍କୁ ଶେଷଥର ଦେଖି କର୍ମକ୍ଷେତ୍ରକୁ ଯାଇଥିଲେ ଯେ ଆଉ ଫେରି ନ ଥିଲେ । କେତେ ଠାକୁରଙ୍କୁ ଡାକିଥିଲି । ହେଲେ ଠାକୁର ମୋ ଡାକ ଶୁଣି ନ ଥିଲେ । ତା'ପର ଦିନ ଶୁଣିଲି ସେ ଶହୀଦ ହୋଇଗଲେ । ବୀର ଯବାନ ପ୍ରକାଶ ଆଉ ଯୁଦ୍ଧରଣଭୂଇଁରୁ ଫେରିନଥିଲେ, ଫେରିଥିଲା ତାଙ୍କ ଅମର ଶରୀର । ସେତେବେଳେ ସାନପୁଅ ୨ବର୍ଷର, ବଡ଼ପୁଅ ୫ ବର୍ଷର । ଆଜି ବି ସେଦିନର କଥା ମନେପଡ଼ିଲେ ଦେହ ଥରିଯାଏ । ତଥାପି ବୀର ସ୍ୱାମୀଙ୍କ ବଳିଦାନକୁ ମନେପକାଇ ନିଜକୁ ଭାଗ୍ୟବାନ ବୋଲି ମନେକରେ ।

**ଏବେ ବି ଝୁରୁଛି ଜନ୍ମମାଟି:** ସେ ଥିଲେ ବାପମା'ଙ୍କର ବଡ଼ପୁଅ । ଯୁବା ବୟସରେ ଦେଶ ପାଇଁ ଜୀବନଦେଇ ସବୁଦିନ ପାଇଁ ସେ ଅମର ହୋଇରହିଗଲେ ।

→





ପରିବାର ସହିତ ଶହୀଦ ଗୋପୀନାଥ ମହାରଣା

ସେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନେମାଳ ଥାନା ଅଧୀନ ଜନାର୍ଦ୍ଦନପୁର ଗ୍ରାମର **ଗୋପୀନାଥ ମହାରଣା** । ଜନ୍ମ ୧୯୭୭ ମସିହାରେ । ମାତା ଝୁମୁରି ମହାରଣା, ପିତା ଯଦୁମଣି ମହାରଣା । ଗୋପନାଥ ମହାରଣାଙ୍କୁ ଯେତେବେଳେ ୧୮ବର୍ଷ ହୋଇଥିଲା ସେ ୫୨୮ ବାଟାଲିୟନରେ ଯୋଗ ଦେଇଥିଲେ । ସେନା ବିଭାଗରେ ଡ୍ରାଇଭର କାର୍ଯ୍ୟ କରୁଥିଲେ । ୧୯୯୯ ମସିହା କାରଗିଲ ଯୁଦ୍ଧ ସମୟରେ  ଅସ୍ତ୍ରଶସ୍ତ୍ର ନେଇ ଯାଉଥିବାବେଳେ  ମେ ୧୯ ତାରିଖରେ ଶତ୍ରୁପକ୍ଷର ଗୁଳିରେ ଗୋପୀନାଥ ଶହୀଦ ହୋଇଗଲେ । ସେତେବେଳକୁ ତାଙ୍କୁ ମାତ୍ର ୨୩ ବର୍ଷ ହୋଇଥିଲା । ଅବିବାହିତ ଥିଲେ । ପୁଅର ଶହୀଦ ଖବର ଶୁଣି  ମା, ବାପା ଭଉଣୀ ଭାଇ ଜ୍ଞାତି କୁଟୁମ୍ବ ଏମିତିରେ ସାରା ଗାଁରେ ଶୋକରଛାୟା ଖେଳିଯାଇଥିଲା । ଏହି ଘଟଣାକୁ ପ୍ରାୟ୨୫ବର୍ଷ ବିତିସାରିଲାଣି  । ଇତିମଧ୍ୟରେ ତାଙ୍କର ପିତା ଯଦୁମଣିଙ୍କ ପରଲୋକ ହୋଇ ସାରିଲାଣି । ଶହୀଦ ଗୋପୀନାଥଙ୍କ ପରିବାରରେ ୭୫ ବର୍ଷୀୟା ମାତା ଝୁମୁରି ମହାରଣା ଅଛନ୍ତି । ସେ ଶହୀଦ ଗୋପୀନାଥଙ୍କ ପ୍ରତିମୂର୍ତ୍ତିକୁ ଦେଖିଲେ ବାହୁନି ବାହୁନି କାନ୍ଦନ୍ତି । ପରିବାରରେ ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥଙ୍କ ଦୁଇ ଭଉଣୀ ସବିତା ଓ କବିତାଙ୍କ ବିବାହ କେବେଠାରୁ ସରିଯାଇଛି । ସାନଭାଇ ରତିକାନ୍ତ  ଘରେ ବିଭିନ୍ନ କାମଦାମ କରି ଚଳୁଛନ୍ତି । ମଝିଆ ଭାଇ ରମାକାନ୍ତ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇଛନ୍ତି । ତେବେ ଶହୀଦ ଗୋପୀନାଥ  ଦେଶ ମାତୃକାର ସେବା ପାଇଁ ଯେଉଁ ବଳିଦାନ ଦେଇଛନ୍ତି ଆଜିବି ତାଙ୍କର ଜନ୍ମମାଟି ସେକଥା ଭୁଲି ପାରିନି । ଗାଁରେ କାରଗିଲ ବିଜୟ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥାଏ । ତାଙ୍କର ଭଉଣୀ ଓ ଭାଇ ବୀର ଭାଇଙ୍କ ବଳିଦାନରେ ଗର୍ବ ଅନୁଭବ କରୁଥିବାବେଳେ ଭାଇକଥା ମନେପକାଇ କିଛିକ୍ଷଣ ନୀରବି ଯାଆନ୍ତି । ପ୍ରତିବର୍ଷ ରାଖୀପୂର୍ଣ୍ଣିମା ଆସିଲେ ଭଉଣୀ ଭାଇକଥାକୁ ମନେପକାଇ କାନ୍ଦିଥାଏ । ଆଜି ବି ଶହୀଦ ଗୋପୀନାଥଙ୍କ ବଳିଦାନକୁ ତାଙ୍କ ଜନ୍ମମାଟି ସ୍ମରଣ କରିଥାଏ ।

## ବାପା ବୀରଯବାନ, ପୁଅ ଅମର ଶହୀଦ:

ଦେଶ ସୁରକ୍ଷା ପାଇଁ ଭାରତୀୟ ସେନାରେ ତାଙ୍କର ବାପା ଯୋଗ ଦେଇଥିଲେ । ସମୟକ୍ରମେ ପୁଅ ମଧ୍ୟ ବାପାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସୈନିକ ହେଲେ । କିନ୍ତୁ ଦେଶ ଜାତିପାଇଁ ପୁଅ ଜୀବନ ଦେଇ ଅମର ହୋଇ ଗଲେ ।  ସେ ହେଲେ ବୀରଯବାନ **ଗଙ୍ଗାରାମ ଦାସ**, ଯିଏ କି ଶହୀଦ ଗଙ୍ଗାରାମ ଦାସ ଭାବେ ପରିଚିତ । ଘର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୁସୁଡ଼ା ଗାଁରେ । ଶ୍ୟାମସୁନ୍ଦର ଦାସ ଓ ଶାନ୍ତିଲତା ଦାସଙ୍କର ବଡ଼ପୁଅ ଥିଲେ ଗଙ୍ଗାରାମ । ଶ୍ୟାମ ସୁନ୍ଦର ଥିଲେ ସେନା କର୍ମଚାରୀ । ବର୍ତ୍ତମାନ ବାଲେଶ୍ୱର ସଦର ଥାନା ଅଧୀନ ହରିଡ଼ା ଗ୍ରାମରେ ରହିଛି  ଶହୀଦ ଗଙ୍ଗାରାମ ଦାସଙ୍କ ସ୍ମୃତି କମିଟି  । ତାଙ୍କ ବାସଭବନରେ ପ୍ରତିବର୍ଷ ଶହୀଦ ଦିବସରେ ଶହୀଦ ଗଙ୍ଗାରାମ ଦାସଙ୍କ ସ୍ମୃତିଚାରଣ କରାଯାଇଥାଏ । ଏଥିରେ ପୂର୍ବତନ ସେନା କର୍ମଚାରୀ ବିଜୟ ଦାସ ସଭାପତି, କାର୍ତ୍ତିକ ଗିରି ସମ୍ପାଦକ ଏବଂ ସଦସ୍ୟ ଭାବେ ତାଙ୍କ ବାପା ଶ୍ୟାମସୁନ୍ଦର ଏବଂ ଅନ୍ୟ ୧୪ଜଣଙ୍କୁ ନେଇ କମିଟି ଗଠନ କରାଯାଇଛି । ପ୍ରତିବର୍ଷ ଜୁଲାଇ ୨୬ରେ ଏଠାରେ ପାଳନ ହେଉଛି ଶହୀଦ ଦିବସ । ଏଥିରେ ସ୍ଥାନୀୟ ମହାବିଦ୍ୟାଳୟ ଏବଂ ବୈଷୟିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥାନ୍ତି । ଯାହା ସେମାନଙ୍କ ଦେଶ ମାତୃକାର ସେବା କରିବା ପାଇଁ ଅନୁପ୍ରାଣିତ କରିଥାଏ । ସ୍ଥାନୀୟ ଲୋକଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଗଙ୍ଗାରାମଙ୍କର ଦେଶପ୍ରେମ ଓ ବୀରତ୍ୱର ଗାଥା ଗାନ କରିଥାନ୍ତି । ସ୍ଥାନୀୟ ଅଧିବାସୀଙ୍କ କହିବାନୁସାରେ ଜଳେଶ୍ୱର ଡିକେ କଲେଜରେ ଯୁକ୍ତ୨ ପଢୁଥିବା ବେଳେ ସେ ୧୬ବର୍ଷ ବୟସରେ ଅର୍ଥାତ୍ ୧୯୮୩ ମସିହାରେ ଭାରତୀୟ ସେନା ବାହିନୀରେ ସେ ମେକାନିକାଲ୍ ପୋଷ୍ଟରେ ଯୋଗଦେଇଥିଲେ । ସିକନ୍ଦରାବାଦ ଇଏମ୍ଇ ସେଣ୍ଟରରେ ଟ୍ରେନିଂ ପାଇବା ପରେ ଦେଶ ସେବା ପାଇଁ ବିଭାଗ ଦ୍ୱାରା ନିର୍ଦ୍ଧାରିତ କ୍ଷେତ୍ରରେ ଯୋଗଦେଇଥିଲେ । ପ୍ରକୃତରେ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗଙ୍ଗାରାମ ଦେଶ ସେବା ପାଇଁ ଚାହିଁଥିଲେ । ଶେଷରେ ୧୯୯୯ ମସିହା ଜୁଲାଇରେ ଚାଲିଥିବା କାର୍ଗିଲ ଯୁଦ୍ଧରେ ସେ ଶତ୍ରୁ ସହ ବୀରତ୍ୱର ସହକାରେ ଲଢ଼ି ପ୍ରାଣ ହରାଇଥିଲେ । ଗଙ୍ଗାରାମଙ୍କ ବିୟୋଗରେ ତାଙ୍କର ପତ୍ନୀ ମନିମାଳା ଦାସ, ପୁଅ ଅନୁପମ ଦାସ, ମଝିଆ ଭାଇ ସୀତାରାମ ଓ ସାନଭାଇ ପର୍ଶୁରାମ ତଥା ପରିବାରର ଅନ୍ୟ ସଦସ୍ୟମାନେ ମ୍ରିୟମାଣ ହୋଇପଡ଼ିଥିଲେ । ଶହୀଦଙ୍କ ପତ୍ନୀଙ୍କୁ ତତ୍କାଳୀନ ରାଜ୍ୟ ସରକାର ଏକ ସରକାରୀ ଚାକିରିରେ ଥଇଥାନ କରିଥିଲେ । ଏବେ ମନିମାଳା ବାଲେଶ୍ୱର କଲେକ୍ଟୋରେଟ୍‌ରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟରତ । ତାଙ୍କ ପୁଅ ଅନୁପମ କଲିକତାର ଏକ ପ୍ରାଇଭେଟ୍ କମ୍ପାନୀରେ କାର୍ଯ୍ୟରତ । ପରିବାରରେ ଆର୍ଥିକ ଅଭାବ, ଅନଟନ ନ ଥିଲେ ମଧ୍ୟ ଦେଶପାଇଁ ଜୀବନ ଦେଇଥିବା ଗଙ୍ଗାରାମଙ୍କ ଅନୁପସ୍ଥିତି ପରିବାର ପାଇଁ ଏକ ଶୂନ୍ୟତା ସୃଷ୍ଟି କରିଛି । ଆଜି ବି ତାଙ୍କ ସ୍ମୃତିକୁ ମନେପକାଇ ଲୁହ ଛଳ ଛଳ ହେଇଯାଏ ପରିବାର ଲୋକଙ୍କ ଆଖି । ଗଙ୍ଗାରାମ ତାଙ୍କ ସ୍ମୃତି କମିଟି ପକ୍ଷରୁ କୁରୁଡ଼ାରୁ ବାଙ୍ଗରା, ସାଉଁ ଦେଇ ଯାଇ ବାଲେଶ୍ୱର ସହରର ମଠସାହି ତାରିଣୀଛକକୁ ଯୋଗାଯୋଗ କରୁଥିବା ରାସ୍ତାକୁ ଶହୀଦ ଗଙ୍ଗାରାମ ରୋଡ୍‌ରେ ନାମିତ କରିବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି । ଏଥିସହିତ କୁରୁଡ଼ା ଛକରେ ଗଙ୍ଗାରାମଙ୍କର ଷ୍ଟାଚ୍ୟୁ ନିର୍ମାଣ ଏବଂ ହରିଡ଼ା ଗ୍ରାମରେ ଏକ ଲାଇବ୍ରେରି ପ୍ରତିଷ୍ଠା ପାଇଁ କମିଟି ପକ୍ଷରୁ ଦାବି ହୋଇଛି ।



ଶହୀଦ ଗଙ୍ଗାରାମ ଦାସ



ଶହୀଦ ପ୍ରକାଶ ପରିଡ଼ା ଓ ତାଙ୍କ ପରିବାରବର୍ଗ।



ଶହୀଦ ନିରଞ୍ଜନ ବେହେରା ପତ୍ନୀ ଓ ପୁଅଙ୍କ ସହିତ

କେବଳ ଏମାନେ ନୁହନ୍ତି, ଏମାନଙ୍କ ପରି ଅନେକ ବୀର ଯବାନଙ୍କ ସ୍ମୃତିକୁ ନେଇ ଆଜି ବି ପରିବାର ଦୁଃଖରେ ଭାଙ୍ଗି ପଡ଼ିବା ସହ ଗର୍ବ କରନ୍ତି ଯେ, ସେମାନେ ଗୋଟେ ଶହୀଦ ପରିବାରର ସଦସ୍ୟ ।

**–ବନବିହାରୀ ବେହେରା, ମାନସ ବିଶ୍ୱାଳ, ଭାସ୍କର ରାଉତରାୟ, ଅଶୋକ ପଣ୍ଡା, କିରଣ ଶଙ୍କର ନାୟକ**

# ମୁଁ ସିଙ୍ଗଲ୍ ଅଛି

**ଓଲିଉଡ୍‌ର ଚାନ୍ଦ ପରି ସୁନ୍ଦରୀ ନାୟିକା ସିଏ। ହେଲେ ତାଙ୍କ ଦେହରେ ଲାଗିନି କେବେ କଣ୍ଟ୍ରୋଭର୍ସିର କିଛି ବି ଦାଗ। ସେ ହେଉଛନ୍ତି ଅଭିନେତ୍ରୀ ପୁନମ୍ ମିଶ୍ର। ଏଥର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣିବା ତାଙ୍କ ସିକ୍ରେଟ୍...**

**ବାକି କରି ଚକୋଲେଟ୍ ଖାଉଥିଲି:** ପିଲାଦିନେ ଚକୋଲେଟ୍ ମୋର ଭାରି ପ୍ରିୟ ଥିଲା। ଦୁଇ କି ଅଢ଼େଇ ବର୍ଷର ହେବାବେଳୁ ପାଖ ଦୋକାନକୁ ଦୌଡ଼ିଯାଇ ପଇସା ନ ଦେଇ ଚକୋଲେଟ୍ ଆଣି ଖାଇଦେଉଥିଲି। ଏମିତି ମାସେ ଲଗାତାର ଖାଇବା ପରେ ଥରେ ଦୋକାନୀ ଆସି ପାପାଙ୍କୁ କହିଥିଲେ, ସାର୍ ଆପଣଙ୍କର ବାକି ଅଛି। ପାପା ଆଶ୍ଚର୍ଯ୍ୟ ହେଇ କହିଲେ, ଆମେ ତ କେବେ ବାକି କରୁନା। ଦୋକାନୀ ହସି ଦେଇ କହିଥିଲେ–ଆଜ୍ଞା, ଆପଣଙ୍କ ଝିଅ ସବୁଦିନ ଆସି ଚକୋଲେଟ୍ ଖାଆନ୍ତି। ସେଥର ମୁଁ ୧୭୦୦ ଟଙ୍କାର ଚକୋଲେଟ୍ ଖାଇଦେଇଥିଲି। ପାପା ଏକଥା ଶୁଣି ଆଶ୍ଚର୍ଯ୍ୟ ହେଇ ଯାଇଥିଲେ।

**ପପୁଲାର ଗର୍ଲ:** ଭଲ ଡ୍ୟାନ୍ସ କରିବା ସହ ଭଲ ପଢୁଥିଲି। ସେଥିପାଇଁ ସ୍କୁଲରେ ବହୁତ ପପୁଲାର ଥିଲି। ଏହାବାଦ୍ ସ୍କୁଲରେ କିଛି ପ୍ରୋଗ୍ରାମ ହେବାର ଥିଲେ ମତେ ଖୋଜା ଯାଉଥିଲା। କାରଣ ପ୍ରୋଗ୍ରାମ ଅର୍ଗାନାଇଜ୍ କରିବାର କଳା ମୋର ଭଲ ଥିଲା। ଏବେବି ଇଣ୍ଡଷ୍ଟ୍ରୀର କିଛି ପ୍ରୋଗ୍ରାମ ହେବାର ଥିଲେ ମତେ ଅର୍ଗାନାଇଜ୍ କରିବାକୁ ଦିଆଯାଏ।

**ପ୍ରଥମେ ଆଙ୍କରିଂ:** ନବମ ଶ୍ରେଣୀରେ ପଢ଼ିବାବେଳର କଥା। ଥରେ ଟିଭି ଦେଖୁଦେଖୁ ଏକ ଘରୋଇ ଚ୍ୟାନେଲରେ ବିଜ୍ଞାପନ ଆସିଲା– ଫିମେଲ ଆଙ୍କରର ଆବଶ୍ୟକତା ଅଛି। ଏହି ନମ୍ବରରେ କଣ୍ଟାକ୍ଟ କରନ୍ତୁ। ମୁଁ ସେଇ ନମ୍ବରରେ କଣ୍ଟାକ୍ଟ କଲି। ଆଉ ଘରେ କାହାକୁ କିଛି ନ କହି ଡ୍ରାଇଭର୍ ସହ ଅଡିଶନ ଦେବାକୁ ପଳାଇଲି। ତେବେ ମୁଁ ସେଠି ପହଞ୍ଚିବା ପରେ ଅଡିଶନ ଦେବି କ'ଣ ୨–୩ ଏପିସୋଡ୍ ପାଇଁ ଡାଇରେକ୍ଟ ଶୁଟିଂ ହେଲା। ତା' ପରଦିନ ସେ ଏପିସୋଡ୍ ଟେଲିକାଷ୍ଟ ବି ହେଇଗଲା। ତାକୁ ଦେଖି ଘରେ ଜାଣିଲେ ମୁଁ ଆଙ୍କରିଂ କରିଛି ବୋଲି। ହେଲେ ଏଥିପାଇଁ କେହି ରାଗି ନ ଥିଲେ। କାରଣ ପୂର୍ବରୁ ବେଳେବେଳେ ମୁଁ ଷ୍ଟେଜ୍‌ରେ ଆଙ୍କରିଂ କରିଥିଲି। ଆଉ ଏଥିରେ ମୋର ବେଶି ସମୟ ନଷ୍ଟ ହେଉ ନ ଥିଲା କି ପଢ଼ା ଡିଷ୍ଟର୍ବ ହେଉ ନ ଥିଲା। ଏଇ ଆଙ୍କରିଂ କରିବା ଭିତରେ 'ତୁ ଥା ମୁଁ ଯାଉଛି ରୁଷି, ମେଘ ସବାରିରେ ଆସିବୁ ଫେରି, ପହିଲି ରଜ, ଛାତିରେ ଲେଖିଛି ତୋରି ନାଁ ଭଳି ଭଲ ଭଲ ଫିଲ୍ମର ଅଫର୍ ଆସିଥିଲା। ହେଲେ ପାପା ଆଦୌ ରାଜି ହେଇ ନ ଥିଲେ ଫିଲ୍ମରେ ଅଭିନୟ କରିବା ପାଇଁ। ଯିଏ ବି ଅଫର୍ ନେଇ ଆସୁଥିଲେ ପାପା ମୋ ସାର୍ଟିଫିକେଟ୍ ଦେଖେଇ କହୁଥିଲେ ମୋ ଝିଅ ଟପ୍ପର। ସେ ଅଭିନୟ କରିବନି।

**ଫିଲ୍ମରେ କାମ ଆରମ୍ଭ:** ଟେନ୍‌ଥ ବୋର୍ଡ ପରୀକ୍ଷାର ଶେଷଦିନ ନିର୍ଦ୍ଦେଶକ ସଞ୍ଜୟ ନାୟକ ମାମାକୁ ଫୋନ୍ କରି କହିଲେ ଘରକୁ ଆସିବେ ବୋଲି। ମାମା କହିଥିଲା, ନା ତା ପାପା ବହୁତ ରାଗୁଛନ୍ତି ଦୟାକରି ଆସନ୍ତୁ ନାହିଁ। ହେଲେ ସେ ଆସିଲେ। ପାପା ଅଫିସ୍‌ରେ ଥିଲେ। ମାମାକୁ ବୁଝାଇ ମୋତେ ଏକ ଫଟୋଶୁଟ୍ ପାଇଁ ନେଲେ। ପରୀକ୍ଷା ସରିବା ପରେ ମୁଁ ପାପାଙ୍କୁ ବୁଝାଇଲି କେବଳ ଗୋଟେ ଫିଲ୍ମ କରିବି। ପାପା ରାଗିଗଲେ, ବହୁତ କଥା ହେଲା। ତଥାପି ମୁଁ ନିଷ୍ପତ୍ତି ନେଲି ଫିଲ୍ମ କରିବି। ଆଉ ପ୍ରଥମ ଫିଲ୍ମ 'ବାଇଶି ପାହାଚେ ଖେଳିବ ମୀନ'ରେ କାମ କଲି। ମାମା ଭୁବନେଶ୍ୱରର ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଚାକିରି କରୁଥିଲା। ସେ ମାସେ ଛୁଟି ଆଣି ମୋ ସହ ଶୁଟିଂକୁ ଗଲା। ପ୍ରଥମ ଦିନ ଶୁଟିଂ ପରେ ଯେବେ ମୁଁ ଥକି କି ଆସିଲି ପାପା ମୋତେ ଦେଖି କିନ୍ତୁ ବଦଳିଗଲେ। ସେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ବଡ଼ ପଦବୀରେ ଥିଲେ। ତଥାପି ନିଜ ବ୍ୟସ୍ତ ସିଡ୍ୟୁଲରୁ ସମୟ ବାହାର କରି ସେଟ୍‌କୁ ଖାଇବା ନେଇକି ଆସୁଥିଲେ।



**ଗାଳି ଶୁଣି ଅଭିନୟ ଶିଖିଲି:** ପିଲାଦିନେ ଡ୍ରାମା ବି କରି ନ ଥିଲି। ତେଣୁ ଅଭିନୟ କ'ଣ ଜାଣି ନଥିଲି। ଡାଇରେକ୍ଟର ଯାହା କହୁଥିଲେ ଖାଲି ତାହା ହିଁ ମୁଁ କରୁଥିଲି। ଅନେକ ଗାଳି ଶୁଣିଛି। କାନ୍ଦ ସିନ୍‌ରେ ଜାଣିକି ଗାଳି ଦିଆଯାଉଥିଲା ଯେମିତିକି ମୁଁ କାନ୍ଦିବି। 'ଲଭ୍ ମାଷ୍ଟର' ଚଳଚ୍ଚିତ୍ର ବେଳେ କିନ୍ତୁ ଟିକେ ସିରିୟସ୍‌ନେସ୍ ଆସିଲା। ହେଲେ ନିର୍ଦ୍ଦେଶକ ଚଣ୍ଡୀ ପରିଜାଙ୍କଠୁ ବହୁତ ଗାଳି ଶୁଣିଲି। କହିବାକୁ ଗଲେ ଗାଳି ଶୁଣି ଶୁଣି ମୁଁ ଅନେକ କଥା ଶିଖିଲି। ଏହାପରେ ରକ୍‌ଷ୍ଟାର, ୪ ଇଡିୟଟ୍ସ, ଟିକେ ଲଭ୍ ଟିକେ ଟ୍ୱିଷ୍ଟ, କଟକ ଶେଷରୁ ଆରମ୍ଭ, ଚନ୍ଦ୍ରବଂଶୀ ଆଦି ୧୪ଟି ଚଳଚ୍ଚିତ୍ରରେ କାମ କଲି।

**ଲଭ୍ ଅଫ୍ ଲାଇଫ୍:** ପର୍ସନାଲ ଲାଇଫ୍ କଥା କହିଲେ ମୁଁ ମୋ କଲେଜ୍ ଫ୍ରେଣ୍ଡ ସହ ୭ ବର୍ଷର ରିଲେଶନ୍‌ଶିପ୍‌ରେ ଥିଲି। ହେଲେ କିଛି କାରଣରୁ ଆମର ବ୍ରେକ୍‌ଅପ୍ ହେଇଗଲା। ତେଣୁ ଏବେ ମୁଁ ସିଙ୍ଗଲ୍ ଅଛି। ଭଲ ଜୀବନସାଥୀ ଅପେକ୍ଷାରେ ରହିଛି (ହସିହସି)।

**ସୌନ୍ଦର୍ଯ୍ୟ ପାଇଁ :** ମୋ ମାମା ପଟର ସମସ୍ତଙ୍କ ସ୍କିନ ବହୁତ ଭଲ ଆଉ ପାପାଙ୍କ ପଟର ସମସ୍ତଙ୍କ ଚୁଟି ଭଲ। ତେଣୁ ମୋ ସ୍କିନ ଓ ଚୁଟି ଭଲ। ସେଥିପାଇଁ ମତେ ବିଶେଷ କିଛି କରିବାକୁ ପଡ଼େନା। ତେବେ ନାଇଟ୍ କେୟାର ଓ ଡେ' କେୟାର କିନ୍ତୁ ଯେମିତି ବି ହେଉ କରେ।

**ହବି:** ଶପିଂ କରିବା, ମୁଭି ଦେଖିବାକୁ ଭଲପାଏ।

**ଅଭିନେତ୍ରୀ ନ ହୋଇଥିଲେ:** ମୁଁ କିଟ୍‌ରୁ ବି.ଟେକ୍ କରିଛି, ଅଭିନୟ ନ କରିଥିଲେ ଇଞ୍ଜିନିୟର ହେଇଥାନ୍ତି।

**ପ୍ରିୟ ଖାଦ୍ୟ:** ଚିକେନ୍ ଓ ଗୁପ୍‌ଚୁପ୍ ମୋର ବହୁତ ପ୍ରିୟ।

**ଭଲ କୁକ୍:** କେକ୍, ପିଜ୍ଜା, ପାସ୍ତା ଭଲ ବନେଇପାରେ। ରେଗୁଲାର ଭାତ, ଡାଲି, ତରକାରି ବେଶି କରେନା ; କିନ୍ତୁ କନ୍‌ଫିଡେନ୍ସ ଅଛି ଏସବୁ ମୁଁ ଭଲ କରିପାରିବି।

**ବେଶି ଡରେ:** ପାପାଙ୍କୁ ମୋର ବହୁତ ଡର। ଏବେବି ଲେଟ୍ ନାଇଟ୍‌ରେ ବୁଲିବା କି ଲେଟ୍ ନାଇଟ୍‌ରେ ଫେରିବା ମୋ ପାଇଁ ଆଲାଉଡ୍ ନୁହେଁ। ଯଦି ବି ଲେଟ୍ ହୁଏ ପାପା ଡ୍ରାଇଭର୍ ଓ ଜଣେ କେୟାରଟେକର୍‌ଙ୍କୁ ମୋ ପାଇଁ ରଖିଛନ୍ତି। ସେମାନେ ମୋ ଭଲ ମନ୍ଦ ବୁଝନ୍ତି।

**ୱିକ୍‌ନେସ୍:** ମୋ ୱିକନେସ୍ ମୋ କୁନି ଝିଅ(ଝିଆରୀ)। ଶୁଟିଂ ସେଟ୍‌ରେ ବି ମୁଁ ତାକୁ ଭିଡିଓ କଲ କରି ଦେଖେ। ଏହାବାଦ୍ ମୋ ପାପା, ମାମା, ବଡ଼ ଭଉଣୀ ମଧ୍ୟ ମୋର ଦୁର୍ବଳତା।

**ମୋ ପରିବାର ମୋ ପାଇଁ ଆଶୀର୍ବାଦ:** ମୋ ମାମୁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ ଓ ସବୁ ଭାଇ ଭଉଣୀ ମତେ ବହୁତ ସପୋର୍ଟ କରନ୍ତି। ଆରମ୍ଭରୁ ଆଜିଯାଏ ମୋର ସବୁ ଫିଲ୍ମର ପ୍ରିମିୟରରେ ଆମର ପୂରା ପରିବାର ଥିଏଟରକୁ ଆସନ୍ତି।

**ଖୁସିର ମୁହୂର୍ତ୍ତ:** ମୋ ଝିଅ ପୁଟ୍‌ପୁଟ୍ ଜନ୍ମ ହେବା ଓ ବଡ଼ ପରଦାରେ ପ୍ରଥମ ଥର ନିଜକୁ ଦେଖିବା।

**ଦୁଃଖଦ ମୁହୂର୍ତ୍ତ:** ମୋ କଜିନ୍ ଆଉ ଜେଜେମା'କୁ ହରାଇବାଟା ମୋତେ ବହୁତ କଷ୍ଟ ଲାଗିଥିଲା।

**ଆଗାମୀ ପ୍ଲାନିଂ:** ମୁଁ ପ୍ଲାନିଂ କରି କିଛି କରେନା। କାରଣ ପ୍ଲାନିଂ କଲେ ଅନେକ ସମୟରେ ତାହା ଫେଲ୍ ହେଇଯାଏ।

**–ଶିବାନୀ ମହାନ୍ତି**







# ସାହିତ୍ୟର ସ୍ରୋତସ୍ୱତୀ ବାସନ୍ତୀ

**ସେ** କୁହନ୍ତି ପୁରସ୍କାର ଓ ସମ୍ବର୍ଦ୍ଧନା ପାଇଁ ସ୍ୱାଭିମାନ କ୍ଷୁଣ୍ଣ ହେଲେ ପ୍ରତିଭାର ଅପମୃତ୍ୟୁ ହୁଏ । ସେ ଏହା ବି କୁହନ୍ତି ସମାଜରେ ଉପୁଜୁଥିବା ସବୁ ସମସ୍ୟାର ମୂଳ ହେଉଛି ମଣିଷପଣିଆର ଅପମୃତ୍ୟୁ । ଦୁଃଖରେ, ସନ୍ତାପରେ, ହତାଶାରେ, ପୁଷ୍ଟିହୀନତାରେ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ଯେଉଁ ନାହିଁମାନଙ୍କୁ ସାମ୍ନା କରିନପାରି ଅପମୃତ୍ୟୁର ଶୀକାର ହୁଏ ମଣିଷ, ତାକୁ ଭିତ୍ତି କରି ସେ ଚଳାନ୍ତି କଲମ । ଉଭୟ କଥା ଓ କବିତାରେ ତାଙ୍କ ସ୍ୱର ପ୍ରଖର । ସମ୍ପାଦନା, ସାଂଗଠନିକ କାର୍ଯ୍ୟରେ ଧୂରୀଣ । ଅଧ୍ୟାପନା ତାଙ୍କ ଅନୁରାଗ । ପରିବାର ତାଙ୍କ ଜୀବନ । ସେ ଚିରନ୍ତନ ମୂଲ୍ୟବୋଧର କଥା କୁହନ୍ତି , ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ହୋଇ ତାଙ୍କ କଥା ସବୁ ମଣିଷଙ୍କ ପାଖରେ ପହଞ୍ଚୁ ବୋଲି ଯିଏ ଚାହାଁନ୍ତି ସେ ହେଉଛନ୍ତି ଗ୍ରନ୍ଥକାର, କବି, କଥାକାର, ସମାଲୋଚକ, ସମ୍ପାଦକ ଓ ସଙ୍ଗଠକ **ଡକ୍ଟର ବାସନ୍ତୀ ମହାନ୍ତି** । ପ୍ରଜ୍ଞା, ପ୍ରତିଭା ଓ ପ୍ରତିଷ୍ଠାର ସୁନ୍ଦର ସମନ୍ୱୟ ଅବସରପ୍ରାପ୍ତ ପ୍ରାଧ୍ୟାପିକା ବାସନ୍ତୀ ମହାନ୍ତି ଆପଣା ଚେଷ୍ଟାରେ ତିଆରି କରିଛନ୍ତି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସର୍ଜନାର ବଳୟ । ପିତା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ କର୍ମୀ ସ୍ୱର୍ଗତ ବାଉରୀବନ୍ଧୁ ମହାନ୍ତି, ମାତା ସ୍ୱର୍ଗତ ଶୈଳବାଳା ମହାନ୍ତିଙ୍କ





ସୁପୁତ୍ରୀ ବାସନ୍ତୀଙ୍କ ଜନ୍ମ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ଧୁଳି ଗ୍ରାମରେ, ୧୭ ଜାନୁଆରୀ ୧୯୬୦ରେ । ପାଠ ପଢା ଆରମ୍ଭରୁ ମେଧାବୀ ବାସନ୍ତୀଙ୍କ ସାହିତ୍ୟ ରୁଚି ସେହି ପିଲାବେଳୁ । ସାହିତ୍ୟ କ୍ଷେତ୍ରରେ ପ୍ରବେଶ କେମିତି ପ୍ରଶ୍ନରେ ସେ କୁହନ୍ତି, ସାହିତ୍ୟକୁ ପ୍ରାଧାନ୍ୟ ଦେଉଥିବା ପରିବାର ତାଙ୍କର । ଲେଖାଲେଖିରେ ସଭିଙ୍କ ରୁଚି ଓ ଆଗ୍ରହ । ଗୁରୁଜନମାନଙ୍କ ସଂସ୍ପର୍ଶରେ ଆସି ଶବ୍ଦ ଓ ଭାବକୁ ଭଲପାଇ ଖୁବ୍ କମ୍ ବୟସରୁ ଆୟତ୍ତ କରିଥିଲେ ସେ ସାହିତ୍ୟ ବିଭବ । ତେଣୁ ଇ ତ ଅଳ୍ପ ବୟସରୁ ଦାଣ୍ଡପିଣ୍ଡାରେ ଆବାଳବୃଦ୍ଧବନିତାଙ୍କୁ ଏକାଠି କରି ସେ ମନରୁ ଗପ ଫାନ୍ଦି କହୁଥିଲେ । ଗପ ଶୁଣୁଥିବା ସମସ୍ତେ ବାସନ୍ତୀଙ୍କ ବାକପଟୁତା ଓ ପରିବେଷଣ ଶୈଳୀରେ ବାନ୍ଧି ହୋଇ ରହୁଥିଲେ ଗପର ଶେଷ ଯାଏଁ । ବାପାଙ୍କ କବିତାକୁ ଅନୁସରଣ କରି ସେ ଲେଖିଥିବା କବିତା ପାଇଁ ବାପାଙ୍କଠାରୁ ଖୁବ୍ ପ୍ରଶଂସା ପାଇଥିଲେ । ବିଦ୍ୟାଳୟର ମୁଖପତ୍ରକୁ ସେ ଦେଇଥିବା କବିତା ଏତେ ପରିପକ୍ୱ ହୋଇଥିଲା ଯେ ତାକୁ ନେଇ ବିଦ୍ୟାଳୟ ପରିସରରେ ଆଲୋଚିତ ହେବାଟା ତାଙ୍କୁ ଖୁବ୍ ଉତ୍ସାହିତ କରିଥିଲା । ନବମ ଶ୍ରେଣୀରେ ପଢୁଥିଲାବେଳେ ବହୁଳ ଆଦୃତ ଶିଶୁ ପତ୍ରିକା ମନପବନରେ ତାଙ୍କ ଲେଖା ପ୍ରକାଶିତ ହୋଇ ତାଙ୍କୁ ତାଙ୍କ ପରିଧିରେ ଚର୍ଚ୍ଚିତ କରି ରଖିଥିଲା ।

ବାସନ୍ତୀ କୁହନ୍ତି ,ଅପରିପକ୍ୱ ବୟସରେ ଆପଣାଛାଏଁ ତାଙ୍କ ଭିତରେ ଗପ ତିଆରି ହୋଇଯିବାର ପ୍ରକ୍ରିୟା ନିହାତି ଭାବରେ ଅଦୃଷ୍ଟର ଯାହାକୁ ସେ ଅନ୍ତଃପ୍ରେରଣା ଭାବରେ ମାନିନେଇଛନ୍ତି । ଏଯାବତ୍ ବାହ୍ୟପ୍ରେରଣା ଅପେକ୍ଷା ଏହି ଅନ୍ତଃପ୍ରେରଣା ତାଙ୍କ ଭିତରେ ସର୍ଜକ ସତ୍ତାଟିକୁ ପ୍ରାଣବନ୍ତ କରିରଖିଛି । ସୁରେନ୍ଦ୍ର ମହାନ୍ତିଙ୍କ କଥା ସାହିତ୍ୟ: ଏକ ଅଧ୍ୟୟନ ତାଙ୍କ ସନ୍ଦର୍ଭର ବିଷୟ ଯାହାକୁ ନେଇ ସେ ଡକ୍ଟରେଟ ଲାଭ କରିଛନ୍ତି ।

ବାସନ୍ତୀ ମହାନ୍ତିଙ୍କ ପ୍ରକାଶିତ ବହିର ତାଲିକା ସୁଦୀର୍ଘ । ଗଳ୍ପ ସଂକଳନରେ ରାଜଜେମା ବିଲେଇ ଓ ଜ୍ଜୁଲି ପ୍ରସଙ୍ଗ, ପିତୃଋଣ, ସୁଲିଅପାର ଭାତୁଡ଼ି, ଅଭିଯୁକ୍ତା, ନିର୍ବାଚିତ ଗଳ୍ପରେ ମା' ,ଗୀତ୍ କୁଡ଼ିଆଣୀ, କୁନ୍ତୀ, ହାତ ପାପୁଲିରେ ଜୀବନ, ଉତ୍ତରଣ, ଆମ୍ବଗଛର ଛାଇ, ଆରଣ୍ୟିକା, ଡଙ୍ଗର କନ୍ୟା, ପ୍ରେମଗଳ୍ପ, ପ୍ରବନ୍ଧ ସଂକଳନରେ ପ୍ରଗତି ଓ ପରମ୍ପରା, ପ୍ରଳୟ ପରର ଜୀବନ, ଦୃଷ୍ଟି ଓ ଦିଗନ୍ତ, ନାରୀ ନୀତି ନିୟତି, ଭୋକ ବିଳାସ, ଆମ ଐତିହ୍ୟ ଆମ ଅସ୍ମିତା, ଦୃଷ୍ଟି ଓ ସୃଷ୍ଟି, ପୁରାଣକଳ୍ପ,ଗାନ୍ଧି ବିଚାର । ସମାଲୋଚନା ସାହିତ୍ୟରେ ନୀଳଶୈଳର ପଦଚାରୀ, ସୁରେନ୍ଦ୍ର ମହାନ୍ତିଙ୍କ କଥା କୋଣାର୍କ, ଜୀବନୀରେ ଭୂମିପୁତ୍ର ବଗା ପୂଜାରୀ, ମହମ୍ମଦ ବାଜି, ସୁଧାମୟୀ ଶାନ୍ତିଦେବୀ (ସମ୍ପାଦନା), କ୍ରାନ୍ତଦର୍ଶୀ କୃଷ୍ଣସିଂ, ଉପାନ୍ତ ଓଡ଼ିଶାର ଜାଗ୍ରତ ପ୍ରହରୀ – ବିକ୍ରମ ଦେବ ବର୍ମା, ଉପନ୍ୟାସରେ ଦୂର ଆକାଶର ତାରା, ଶିଶୁ ସାହିତ୍ୟରେ ଆମ କାହାଣୀ, କବିତାରେ ଚନ୍ଦ୍ରମଲ୍ଲୀ ; ଯାହା ହିନ୍ଦୀ, ଓଡ଼ିଆ, ଇଂରାଜୀ ଓ ଅହମୀୟା ଭାଷାରେ ପ୍ରକାଶିତ ହୋଇଛି । ଲୋକକଥା ସଂକଳନରେ କଳାହାଣ୍ଡିର ଲୋକକଥା, ଅନୁବାଦ ପୁସ୍ତକ ଭାବରେ ଗାନ୍ଧୀଙ୍କୁ ଫେରେଇ ଆଣିବା, ନିଃସଙ୍ଗ ଯୋଦ୍ଧା, ଇତିହାସ ପୁସ୍ତକରେ ଓଡ଼ିଶାର ଜାଲିଓ୍ୱାନାବାଗ – ପାପଡ଼ା ହାଣ୍ଡିରେ ଗୁଳିକାଣ୍ଡ ଇତ୍ୟାଦି ପୁସ୍ତକମାନ ରଚନା କରିଛନ୍ତି । ସମ୍ପାଦନାରେ ସର୍ବୋଦୟ, ନିର୍ଲିପ୍ତା, ସ୍ୱାତୀ, ସମ୍ବର୍ତ୍ତିକୀ ଭଳି ପତ୍ରିକାରେ ସେ ତାଙ୍କର ସାମର୍ଥ୍ୟ ପ୍ରତିପାଦନ କରିଛନ୍ତି । ଉତ୍କଳ ସାହିତ୍ୟ ସମାଜ, ଏଷଣା ପରିଷଦ, ରାଜ୍ୟ ଲେଖିକା ପରିଷଦ, ଫକୀର ମୋହନ ସାହିତ୍ୟ ସଂସଦ, ଲୋକ ସଂସ୍କୃତି ଗବେଷଣା ପରିଷଦ, ଚେନ୍ନାଇର ସୃଜନୀ ପରିବାର ସହ ସଦସ୍ୟ ହୋଇ ନିଜ ସର୍ଜକ ସତ୍ତାଟିକୁ ସେ ସକ୍ରିୟ ରଖିଛନ୍ତି । ତାଙ୍କର ସାହିତ୍ୟ ସାଧନା ପାଇଁ ସେ ଅର୍ଜନ କରିଛନ୍ତି ଅଭିଯାନ ଗଳ୍ପ ସମ୍ମାନ, ସୁପ୍ରୀତି ଦେବୀ ଗନ୍ତାୟତ ପୁରସ୍କାର, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମାନ, ଐଶ୍ୱର୍ଯ୍ୟା ଗଳ୍ପ ପୁରସ୍କାର, ଶ୍ୱେତସଙ୍କେତ ଗଳ୍ପ ସମ୍ମାନ, ସନାତନ ସ୍ମୃତି ସାହିତ୍ୟ ସମ୍ମାନ, ବୌଦ୍ଧ ମହୋତ୍ସବ ସମ୍ମାନ, ନିସାନ୍ ଗଳ୍ପ ସମ୍ମାନ, କେନ୍ଦ୍ରାପଡା ସାହିତ୍ୟ ସଂସଦରୁ ସମ୍ବର୍ଦ୍ଧନା, ସତ୍ତା ସାହିତ୍ୟ ସମ୍ମାନ, ଦୋଳ ଗୋବିନ୍ଦ ଶାସ୍ତ୍ରୀ ସମ୍ମାନ, ମାଟିର ସ୍ୱର ସମ୍ମାନ, ଗୋଧୂଳି ସମ୍ମାନ, ସୁରେନ୍ଦ୍ର ମହାନ୍ତି କଥା ସାହିତ୍ୟ ସମ୍ମାନ, ଗଳ୍ପ ଗୁଣନିଧି ସମ୍ମାନ, ପଲକ ସାହିତ୍ୟ ସମ୍ମାନ, ଗାଁ ମଜଲିସ ସାହିତ୍ୟ ସମ୍ମାନ, ବଂଶୀବଟ ସାହିତ୍ୟ କୁସୁମ ସମ୍ମାନ, ସୁଲେଖା ସାହିତ୍ୟ ସମ୍ମାନ, ବିକ୍ରମଜ୍ୟୋତି ସମ୍ମାନ, ଯୁଗ ପ୍ରବର୍ତ୍ତକ ସମ୍ମାନ, ସୁରେନ୍ଦ୍ର ଗବେଷଣା ସମ୍ମାନ, ଜୟପୁର ପୂଜ୍ୟ ପୂଜା ସମ୍ମାନ, ଗୋକର୍ଣିକା ସମ୍ମାନ ଏବଂ ଶରତ ସାହିତ୍ୟ ସମ୍ମାନ ଭଳି ସମ୍ମାନ ଓ ସମ୍ବର୍ଦ୍ଧନା ଆଦି ।

ବାସନ୍ତୀଙ୍କ ବହୁମୁଖୀ ପ୍ରତିଭା ତାଙ୍କୁ ଏକ ବର୍ଣ୍ଣାଳୀ ସଦୃଶ ପ୍ରତିଭାତ କରାଏ । ତାଙ୍କ ସାହିତ୍ୟ ସାଧନା ଜୀବନର ଅନ୍ୱୟ ପାଇଁ ନିବେଦିତ । ମଣିଷର ମୁକ୍ତି ପାଇଁ ସେ ନିରନ୍ତର ସ୍ୱପ୍ନାବିଷ୍ଟ । ତାଙ୍କ ରଚନାଗୁଡିକର ଯଥାର୍ଥ୍ୟ ମୂଲ୍ୟାୟନ ହୋଇପାରିଲେ ବାସନ୍ତୀଙ୍କ ସାହିତ୍ୟ ପ୍ରତି ଥିବା ଅବଦାନର ସମ୍ମାନ ହେବ ।

*– ମାନମୟୀ ରଥ*

*ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ, ମୋ: ୭୯୭୮୫୭୯୩୧୯*









# ବର୍ଷା ଓ ଲୁହ

– ଶ୍ରୁତକୀର୍ତ୍ତି ତ୍ରିପାଠୀ

ସୁମିତ ଓ ସୁମନ ବାଲ୍ୟସାଥୀ । ଉଭୟେ ଉଭୟଙ୍କ ଘରକୁ ଯିବା ଆସିବା କରନ୍ତି । ବର୍ଷାରେ ଓଦା ହେବା, କାଗଜ ଡଙ୍ଗା କରି ଭସେଇବା ଦୁହିଁଙ୍କୁ ବହୁତ ଭଲ ଲାଗେ । ବର୍ଷା ସହ ଦୁହିଁଙ୍କର ନିବିଡ଼ତା ଦେଖିଲେ ଲାଗେ ; ବର୍ଷାକୁ ସେମାନେ ଯେପରି ଚାତକ ପକ୍ଷୀ ପରି ଅନେଇ ବସିଥାନ୍ତି । ଦିନ ହଉ ବା ରାତି, ଘରୁ ବାହାରି ଯାଇ ଘଡ଼ିଏ ଓଦା ନ ହେଲେ ମନ ମାନେନି ଦୁହିଁଙ୍କର । ପିଲାଦିନର ମିତ୍ରତା ଯେ ପ୍ରେମରେ ପରିଣତ ହୋଇସାରିଥିଲା, ସେ ବିଷୟରେ ଉଭୟେ ଥିଲେ ଅନଭିଜ୍ଞ । ସ୍କୁଲ ସାରି କଲେଜ ଗଲେଣି ଏବେ ଦୁହେଁ; ପୂର୍ବଭଳି ଏକାଠି ଯିବା ଆସିବା, ସାଙ୍ଗ ହୋଇ ଲାଇବ୍ରେରୀ ଓ କ୍ୟାଣ୍ଟିନ ଯିବାରେ କିଛି ପରିବର୍ତ୍ତନ ଆସିନି । ହଁ ଏତିକି ଦୁହେଁ ଅନୁଭବ କରନ୍ତି ଯେ, ଦିନେ ପରସ୍ପର ସହ ଦେଖା ନ ହେଲେ ଆଦୌ ଭଲ ଲାଗେନି । ଛୁଟିଦିନଗୁଡ଼ିକରେ ବି ବୁଲାବୁଲି ବା ସିନେମା ବାହାନାରେ ଦେଖା ହୋଇଯାଏ । ଦୁହେଁ ପରସ୍ପରର ପ୍ରେମରେ, ହେଲେ ଏକଥା ଦୁହିଁଙ୍କୁ ଅଜଣା ।

କଥାଟି ଜଣା ବି ପଡି ନ ଥାନ୍ତା ; ଯଦି ଦୁହିଁଙ୍କ ଜୀବନରେ ଆସି ନ ଥାନ୍ତା ରୋଜି । ସ୍କୁଲରେ ସମସ୍ତେ ସୁମିତ ଓ ସୁମନର ଘନିଷ୍ଠତା କଥା ଜାଣିଥିଲେ, ମାତ୍ର କଲେଜରେ ବହୁତ ନୂଆ ଛାତ୍ରୀଛାତ୍ର ଯୋଗ ଦେଇଥାନ୍ତି । ରୋଜି ଅନ୍ୟ ସହରରୁ ଆସିଥିବା ସ୍ମାର୍ଟ ଓ ସୁନ୍ଦରୀ ଝିଅଟିଏ । ଧୀରେ ଧୀରେ ରୋଜି, ସୁମିତ ଓ ସୁମନ ସହ ମିଶିବାକୁ ଲାଗିଲା । କ୍ରମେ ଅଧିକରୁ ଅଧିକ ସମୟ ବିତେଇଲେ ତିନି ଜଣ ଯାକ । ରୋଜି ସୁମିତର ନିକଟତର ହେଲେ ସୁମନକୁ କାହିଁକି ଜମା ଭଲ ଲାଗେନି । ସେ ଚାହେଁ, ସୁମିତ କେବଳ ତା' ସହିତ କଥା ହେଉ, ତା' ପାଖରେ ରହୁ । ତାର ଅଶାନ୍ତ ମନରେ ଦୁଃଖସବୁ ଜମାଟ ବାନ୍ଧିଦିଏ । ଲୁହ ଜକେଇ ଆସେ ତା' ଅନିଚ୍ଛାସତ୍ତ୍ୱେ । କାନ୍ଦିବାକୁ ଇଚ୍ଛା କରେ ସେ , ହେଲେ ସୁମିତକୁ କଷ୍ଟ ହବ ବୋଲି କାନ୍ଦିପାରେନି । କଲେଜରେ ଥିବା ସମୟରେ ବର୍ଷା ହେଲେ ବି ଦୁହେଁ ଓଦା ହେବାର ଆକର୍ଷଣକୁ ରୋକି ପାରନ୍ତି ନାହିଁ ; ଯଦିଓ ଓଦା ହେବା ପରେ ସେଦିନର ପାଠପଢ଼ାରେ ଯବନୀକା ପଡ଼ିଯାଏ । ଥରେ କଲେଜ କ୍ୟାଣ୍ଟିନରେ ବସିଥାନ୍ତି ସମସ୍ତେ । ବର୍ଷାଭିଜା ସକାଳରେ ପ୍ରକୃତି ଦିଶୁଥାଏ ଖୁବ୍ ସତେଜ ଓ ଆକାର୍ଷଣୀୟ । ଝିପି ଝିପି ବର୍ଷା ଆରମ୍ଭ ହେଲା, ସୁମନ ଡାକିଲା ସୁମିତକୁ, 'ଆ, ବର୍ଷା ଆରମ୍ଭ ହେଲାଣି, ଘାସ ଉପରେ ଖାଲିପାଦରେ ଚାଲିବା, ଭାରି ମଜା ଲାଗିବ ।' ସୁମିତ ବାହାରିବା ବେଳକୁ ହଠାତ୍ ରୋଜି ଡାକ ପକେଇଲା, 'ସୁମିତ, ମୋତେ ଏହି ବିଷୟଟି ଟିକେ ବୁଝେଇ ଦିଅ ନା, ମୁଁ ଜମା ବୁଝି ପାରୁନି ।' ସୁମିତ ରୋଜି ପାଖରେ ରହିଗଲା ତା'ର ବହି ଓ ଖାତା ଧରି ତାକୁ ପାଠ ବୁଝେଇବା ପାଇଁ । ସୁମନର କଥାକୁ ନ ମାନି ରହିଯିବା, ଏଇଟା ସୁମିତ ତରଫରୁ ପ୍ରଥମ ଥର ଥିଲା । ସୁମିତ ନ ଆସିବା ସତ୍ତ୍ୱେ ସୁମନ ଖୋଲାପଡିଆକୁ ବାହାରି ଆସିଲା ଓଦା ହେବା ପାଇଁ । କେବଳ ଓଦା ହେଲାନି, ଖୁବ୍ ମନଭରି କାନ୍ଦିଲା ବି ! ସେ ଜାଣିଛି ସୁମିତ ତାକୁ କାନ୍ଦୁଥିବା ଦେଖିଲେ ଖୁବ୍ ମନ କଷ୍ଟ କରିବ, ସେଥିପାଇଁ ବର୍ଷା ଆଢୁଆଳରେ ତା'ର ଅବ୍ୟକ୍ତ କୋହର ଲୁହଧାର ସବୁକୁ ଖୁବ୍ ସନ୍ତର୍ପଣରେ ଲୁଚେଇବାକୁ ଚେଷ୍ଟା କଲା ସେ । ଆହାଃ, ଏଇ ବର୍ଷା ଛଡ଼ା ତା' ମନକଥା ଆଉ କିଏ ବୁଝିଥାନ୍ତା ଭଲା ! ସେଦିନ ସେହି କଲେଜ ଘାସ ପଡ଼ିଆରେ ସୁମନକୁ ଘନିଷ୍ଠ ବାନ୍ଧବୀ ଟିଏ ଭଳି ବୋଧ ଦେଉଥିଲା ଝର ଝର ବର୍ଷି ଚାଲିଥିବା ବର୍ଷା !

*–ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮*

## ହସ୍ତାକ୍ଷର

–ବିଜୟଲକ୍ଷ୍ମୀ ପାଣିଗ୍ରାହି

ଏ ମାଟିର ଆତିଥ୍ୟ ମୋହରେ
ବାରବାର ଆସେ ବର୍ଷା
ଝିଙ୍କାରୀର ଝଙ୍କାର ପରି
ଅନବରତ ଶୁଭୁଥାଏ ତା' ପାଉଁଜି ନିକ୍ୱଣ
କେବେ ଦିନରେ କେବେ ଅଦିନରେ
ଝରକା ଫାଙ୍କରୁ ଦିଶେ ତାର ପାଦଚିହ୍ନ ।
ନାକଟି ଡଙ୍ଗର ମଥାନରୁ
ରାଜରାସ୍ତାର ପିଠିଦେଇ
ଜଗନ୍ନାଥ ସାଗରର ଛାତି ଯାଏଁ
ସଂଚରେ ତା' ସୁରମା
ସେ ବି ବାସେ / ବିଭୋର କରେ
କାନି ଉଡେଇ ଟହଲ ମାରେ
କୁଆଁରୀ ନିଦରେ ।
ଖାଲି ଦିନ ନୁହେଁ
କେତେ କେତେ ରାତି
ତା' ପାଇଁ ନିଛାବର ହୁଏ ।
ସେ ଯିବାପରେ...
ଡଙ୍ଗର ଡିଣ୍ଡା ପାଲଟିଯାଇ ଥାଏ
ଜୁଆନ ହୋଇଯାଇଥାନ୍ତି
କୁଡ଼ିଆ ତଳର ଜନଜାତି
ଧାଙ୍ଗଡିଆ ମନରେ
ଚିତ୍ରିତ ହେଉଥାଏ ତା' ସବୁଜ ହସ୍ତାକ୍ଷର ।


*–ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ: ୮୨୪୯୪୫୦୦୫୦*

## ସମୁଦ୍ର

–ମାନିନୀ ମିଶ୍ର

ସମୁଦ୍ର ଗରଜେ
ତା' ଗର୍ଜନ
କାହାକୁ
ଲୁଣି ଯନ୍ତ୍ରଣା
ଲେପ ପରି
ଚରି ଚରି ଯାଏ
ସମୁଦ୍ର ଆଲିଙ୍ଗନ ଯାଚେ
ଚୋରାବାଲି ପରି
ଚୁମ୍ବନ ଦେଉ ଦେଉ
ଟାଣି ଟାଣି ଶୂନ୍ୟ କରିଦିଏ
ଧାପେ ପ୍ରେମ ପରି
ଜର୍ ଜରେଇ ଦିଏ
ସମୁଦ୍ର ଘୋ ଘୋ କରେ
ଝାଉଁବଣକୁ
କୁଆ ବାବୁଲିକୁ
ସମୁଦ୍ର ସହବାସ କରେ
ଦେହରୁ ଦେହକୁ ଘଷି ହୁଏ
ଅଥଚ ଯେଉଁମାନେ
ନିର୍ଜୀବକରି
ସମୁଦ୍ରକୁ ପ୍ରେମ କରି
ଟାଙ୍ଗି ଦେବାକୁ ଚାହିଁଲେ
ତାଙ୍କର ଲିଭିଂ ରୁମ୍‌ରେ
ଯେଉଁମାନେ ସମୁଦ୍ରକୁ
କାଟି କାଟି
ସମୃଦ୍ଧିର ପାହାଚ
ତିଆରିଲେ
ସେଇଠି ହଠାତ୍ ବିଚରା
ସମୁଦ୍ର ଗର୍ଜନ କରି
ପାରେନା ।

*–ରୟାଲ ଲାଗୁନ,*
*ଭୁବନେଶ୍ୱର*
*ମୋ:୮୨୪୯୩୪୨୩୪୬*





ବାଣୀ

# ଅବସର ମିଳିଲେ..

କଥାରେ ଅଛି ବସିବା ଠାରୁ କାଶିବା ଭଲ । ତେଣୁ ଘରେ ବସି ବସି କାହିଁକି ବା ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି । ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି । ସେ କିଏ ଜାଣନ୍ତି ? ବାଣୀ କପୁର । ଯେହେତୁ ଏବେ ଶୁଟିଂରୁ କିଛି ସପ୍ତାହ ବ୍ରେକ୍ ମିଳିଛି ତେଣୁ ଗାର୍ଡେନିଂରେ ମନୋନିବେଶ କରିଛନ୍ତି । ଏ ବିଷୟରେ ବାଣୀ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା । କିନ୍ତୁ ପାଠପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି । ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି । ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି ।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି । ସେଗୁଡିକ ବେଶ୍ ଭାଇରାଲ ମଧ୍ୟ ହୋଇଛି । ଅନ୍ୟପକ୍ଷରେ ଏବେ ବାଣୀଙ୍କ ହାତରେ ୨-୩ଟି ଅଫର ରହିଛି । ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ଯାଇ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ ।

ନୂଆ ସିନେମା

# ଶିମ୍‌ଲୀ

ଜଙ୍ଗଲ ନଷ୍ଟ କରିବା ସହ ଅର୍ଥ ଲୋଭରେ ବିଭିନ୍ନ ପ୍ରାଣୀଙ୍କୁ ମାରିବା ଏବେ ଜଙ୍ଗଲ ମାଫିଆଙ୍କ ମୁଖ୍ୟ କାମ । ଏଥିପାଇଁ ସରକାରଙ୍କ ତରଫରୁ ନିୟମ ଥିଲେ ମଧ୍ୟ ତାହା ସଠିକ ଭାବରେ ପାଳନ ହେଉନାହିଁ । ଯାହା ଫଳରେ ଏହା ଆନ୍ତର୍ଜାତୀୟ ସ୍ତରର କଳା ବେପାର ହୋଇଯାଇଛି । ତେବେ ଏହାକୁ ରୋକିବ କିଏ ? ଶିମିଳିପାଳ ଜଙ୍ଗଲରେ ନିତିଦିନ ଘଟୁଥିବା ଘଟଣାକୁ ଆଧାର କରି ରଚିତ ହୋଇଛି ଏକ କାହାଣୀ । ଏହାକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ର 'ଶିମ୍‌ଲୀ' । ଏହାର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ସ୍ମିତା ରାଉତ । ସୁକୁମାର ମଣି ଚିତ୍ରଟିର ନିର୍ଦ୍ଦେଶନା ଦେବେ । ଶିର୍ଷାନନ୍ଦ ଦାସ କାନୁନଗୋ ଏବଂ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ନିର୍ଦ୍ଦେଶନା ଦେଇଛନ୍ତି ବାଚୁ ମୁଖାର୍ଜୀ, ବିଷ୍ଣୁ ମୋହନ କବି ଓ ଏସ.ବି ସ୍ମୃତି । ଫିଲ୍ମର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ସଂଯୁକ୍ତା ମହାନ୍ତି ଓ ଶୁଭେନ୍ଦୁ କୁମାର ପଣ୍ଡା ଏବଂ ସହ ପ୍ରଯୋଜକ ଅଛନ୍ତି ପରେଶ ଚନ୍ଦ୍ର ମହାନ୍ତ । ସଂଳାପ ରଚନା କରିଛନ୍ତି ଭାବ ବିନୋଦ ମହାପାତ୍ର ।



# ଟେନସନ୍‌ରେ ଜାହ୍ନବୀ

ଜାହ୍ନବୀ ଏବେ ନିଜ କ୍ୟାରିୟରକୁ ନେଇ ଆଶଙ୍କାରେ ପଡିଛନ୍ତି । କଥା କ'ଣକି ନିକଟରେ ରିଲିଜ ହୋଇଥିବା 'ଉଲଝ୍' ବକ୍ସ ଅଫିସରେ ସଫଳତା ହାସଲ କରିପାରି ନାହିଁ । ଫଳରେ ତାଙ୍କର ଟେନସନ୍ ବଢ଼ି ଯାଇଛି । ଏ ନେଇ ଜାହ୍ନବୀ କପୁର କହନ୍ତି, 'ଏହି ଫିଲ୍ମକୁ ନେଇ ମୁଁ ବେଶ୍ ଆଶା ରଖିଥିଲି । କିନ୍ତୁ ତାହାକୁ ଦର୍ଶକ ଗ୍ରହଣ କଲେ ନାହିଁ । ମୋତେ ଲାଗୁଛି ଏବେ ଭାଗ୍ୟଦେବୀ ମୋ ପ୍ରତି ପ୍ରସନ୍ନ ନାହାନ୍ତି । ଲଗାତାର କେତୋଟି ଫିଲ୍ମ ଫ୍ଲପ୍ ହେବା ପରେ ମୁଁ ଟିକେ ଟେନସନ୍‌ରେ ଅଛି । ଆଶା ରଖିଛି ମୋର ଆଗାମୀ ଫିଲ୍ମଗୁଡିକ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହେବ ।' ଜଙ୍ଗଲି ଫିଲ୍ମସ ବ୍ୟାନରରେ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ସରିୟା । ଫିଲ୍ମର ବିଭିନ୍ନ ଭୂମିକାରେ ଜାହ୍ନବୀଙ୍କ ବ୍ୟତୀତ ରୋଶନ ମାଥ୍ୟୁ, ଗୁଲସନ୍ ଦେବେୟା, ଅଦିଲ ହୁସେନ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଅଗଷ୍ଟ ୨ରେ ରିଲିଜ ହୋଇଥିବା ୫୦କୋଟି ବଜେଟ ବିଶିଷ୍ଟ 'ଉଲଝ୍' ପ୍ରଥମ ସପ୍ତାହରେ ମାତ୍ର ପାଞ୍ଚ କୋଟିର ବିଜନେସ୍ କରିଛି ।

ଜାହ୍ନବୀ

# ଏଥର ସୁପାରୀ କିଲର

ଭୂମିକାଟି ଯେପରି ହେଉ ନା କାହିଁକି, ତାହାକୁ ଶତ ପ୍ରତିଶତ ଜଷ୍ଟିସ ଦେବା ସହ ତାହାକୁ ଦର୍ଶକାଦୃତ କରିବାରେ ସକ୍ଷମ ହୋଇଥାଆନ୍ତି ସେ । ଦିନ ଥିଲା ବଡ ପରଦାରେ ସେ ରାଜ୍ କରୁଥିଲେ । ଏବେ ସେ ନୂଆ ରୂପରେ ଦର୍ଶକଙ୍କୁ ଦେଖାଦେବେ । ହେଲେ ବଡ ପରଦାରେ ନୁହେଁ, ଏକ ୱେବ୍ ସିରିଜ୍‌ରେ ସେ ଅଭିନୟ କରିବାକୁ ଯାଉଛନ୍ତି । ସେହି ଅଭିନେତ୍ରୀଙ୍କ ପରିଚୟ ଦେଇଦେବା ଠିକ୍ ହେବ । ସେ ହେଲେ ମାଧୁରୀ ଦୀକ୍ଷିତ । କଥା କ'ଣ କି ନୂଆ ୱେବ୍ ସିରିଜ୍ 'ମିସେସ ଦେଶପାଣ୍ଡେ'ରେ ସେ ଜଣେ ସୁପାରି କିଲର ଭୂମିକାରେ ଅଭିନୟ କରିବେ । ଏ ନେଇ ମାଧୁରୀ କହନ୍ତି, 'ଯେତେବେଳେ ମୁଁ ଏହି ୱେବ୍ ସିରିଜ୍‌ର କାହାଣୀ ଶୁଣିଲି ଆଉ ମୋ ଭୂମିକା ବିଷୟରେ ଅବଗତ ହେଲି, ସେତେବେଳେ ଭାବିଲି ଏଭଳି ଏକ ସିରିଜ୍‌ରେ ଆକ୍ଟିଂ କରିବାର ସୁଯୋଗ ଛାଡିବା ଠିକ୍ ହେବ ନାହିଁ । ଏଭଳି ଏକ ଆକ୍ସନ-ପ୍ୟାକ୍ ଭୂମିକାରେ ଅଭିନୟ କରିବାକୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି । ଆଶା ରଖିଛି ଏହି ୱେବ୍ ସିରିଜ୍ ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ।' ଏହାର ନିର୍ଦ୍ଦେଶନା ଦେଉଛନ୍ତି ନାଗେଶ କୁକୁନୁର୍ । ତେବେ ସୁପାରି କିଲର ଭୂମିକା ମାଧୁରୀଙ୍କୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା ।



ମାଧୁରୀ

# ଏ ମନ ଖୋଜୁଥାଏ ଯାହା..

କଥାରେ ଅଛି 'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା' । କଥା କ'ଣ କି ଅର୍ଜୁନ କପୁରଙ୍କ ଖୁସି ଏବେ ବନ୍ଧ ବାଡ ମାନୁନି । ମାନିବ ବା କେମିତି କହୁନାହାନ୍ତି ? ନିକଟରେ ସେଭଳି ଏକ ଘଟଣା ଘଟିଛି । ରୋହିତ ସେଟ୍ଟିଙ୍କ ନିର୍ଦ୍ଦେଶିତ ତଥା ଅଜୟ ଦେବଗନଙ୍କୁ ନେଇ ନିର୍ମାଣ କରାଯାଉଥିବା 'ସିଙ୍ଘମ୍ ଏଗେନ୍'ରେ ସେ ଅଭିନୟ କରିବାକୁ ଯାଉଛନ୍ତି । ଏଥିରେ ଅଜୟଙ୍କ ପ୍ରତିଦ୍ୱନ୍ଦୀ ଭୂମିକାରେ ଅବତୀର୍ଣ୍ଣ ହେବେ ଅର୍ଜୁନ । ଏ ନେଇ ସେ କହନ୍ତି, 'ଏଭଳି ଏକ ସିନେମାରେ ଅଭିନୟ କରିବାକୁ ମୋର ଆଶା ଥିଲା । ଆଉ ତାହା ଏବେ ପୂରଣ ହୋଇଛି । ଅନ୍ୟପକ୍ଷରେ ଫିଲ୍ମଟି ମଧ୍ୟ ବକ୍ସ ଅଫିସରେ ଭଲ ବିଜନେସ କରିବ ବୋଲି ଆଶା ରଖିଛି ।' ଅର୍ଜୁନ ଏବେ 'ମେରି ପତ୍ନୀ କି ରିମେକ୍' ଟାଇଟଲବିଶିଷ୍ଟ ଏକ ଫିଲ୍ମରେ ମଧ୍ୟ ଅଭିନୟ କରୁଛନ୍ତି । ଏଥିରେ ତାଙ୍କ ଅପୋଜିଟ୍‌ରେ ରକୁଲ୍ ପ୍ରୀତ ସିଂ ଏବଂ ଭୂମି ପେଦନେକର ଅଛନ୍ତି । ଏହି ଫିଲ୍ମଗୁଡିକ ଅର୍ଜୁନଙ୍କ କ୍ୟାରିୟରକୁ କି ମୋଡ ଦେଉଛି ତାହା ଦେଖିବାକୁ ବାକି ରହିଲା ।



ଅର୍ଜୁନ

# ଏଥର ସତସତିକା

ଥିଏଟର, ଛୋଟ ପରଦା ଏବଂ ଚଳଚ୍ଚିତ୍ରରେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି ପୃଥ୍ୱୀରାଜ ଆଚାର୍ଯ୍ୟ । ନିକଟରେ ସେ ବୈଦିକ ରୀତିନୀତିରେ ସୋମାଲିନ ଦାଶଙ୍କୁ ବିବାହ କରିଛନ୍ତି । ପୃଥୀରାଜ କୁହନ୍ତି "ସୋମାଲିନ ତାଙ୍କ ପାଇଁ ବହୁତ ଲକି କାରଣ ବିବାହ ହେବା ମାତ୍ରେ ତାଙ୍କୁ ଦୁଇ ଦୁଇଟି ନୂଆ ଫିଲ୍ମର ଅଫର୍ ମିଳିଛି । ଚଣ୍ଡୀ ପରିଡାଙ୍କ ନିର୍ଦ୍ଦେଶିତ ଚଳଚିତ୍ର 'କେମିତି ଏ ସମ୍ପର୍କ' ପିନୁ ନାୟକଙ୍କ ନିର୍ଦ୍ଦେଶିତ 'ମୋ ଜେଜେଙ୍କ ଲଭଷ୍ଟୋରୀ' ମୋ କ୍ୟାରିୟରକୁ ନୂଆ ମୋଡ ଦେଇଛି । ଉଭୟ ଚରିତ୍ରକୁ ଦର୍ଶକ ଭଲ ପାଇବା ଦେଇଛନ୍ତି ।' ଅନ୍ୟପକ୍ଷରେ ପୃଥ୍ୱୀରାଜଙ୍କର ଆଉ ଏକ ଚଳଚ୍ଚିତ୍ରର ଶୁଟିଂ ଚାଲୁରହିଛି । ଅନେକ ଥିଏଟର ନାଟକ ବ୍ୟତୀତ ତରଙ୍ଗ ଟିଭିରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ମାୟାବିନୀ' ପାଇଁ ସେ ସାଉଁଟିଛନ୍ତି ଅନେକ ପ୍ରଶଂସା । ପୃଥ୍ୱୀରାଜ କୁହନ୍ତି, "ବର୍ତ୍ତମାନ ଓଡ଼ିଆ ସିନେମାର ନୂଆ ଧାରା ଆରମ୍ଭ ହୋଇଛି । ଦର୍ଶକ ପ୍ରେକ୍ଷାଳୟ ମୁହାଁ ହୋଇଛନ୍ତି । ଏହା ଇଣ୍ଡଷ୍ଟ୍ରି ପାଇଁ ଶୁଭ ସଙ୍କେତ ।"



ପୃଥ୍ୱୀରାଜ-ସୋମାଲିନ

# ତାରାଙ୍କ ନୀରବତା

ତାରା ସୁଟାରିଆ ଏବେ ବଲିଉଡରେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି । କାରଣ କ'ଣ ଜାଣନ୍ତି ? ସେ କୁଆଡେ ଏବେ ପ୍ରେମରେ ମସଗୁଲ୍ । 'ଜିସ୍ମ-୨'ର ଅଭିନେତା ଅରୁନ୍ଦୟ ସିଂଙ୍କ ସହ ତାଙ୍କର ଫୁଲ୍ ରୋମାନ୍ସ ଚାଲିଛି ବୋଲି ଆଲୋଚନା ହେଉଛି । ପୁଣି ସେତିକି ନୁହେଁ, ଦୁହେଁ କୁଆଡେ ପାଖାପାଖି ଦୁଇ ବର୍ଷ ହେବ ଡେଟିଂରେ ଯାଉଛନ୍ତି ବୋଲି ଶୁଣିବାକୁ ମିଳୁଛି । ତେବେ ଏସବୁ କଥା ଯେତେବେଳେ ତାରାଙ୍କ କାନରେ ବାଜିଲା, ସେ ବା କେମିତି ଚୁପଚାପ ବସି ରହନ୍ତେ କହୁନାହାନ୍ତି ? ଶେଷରେ ବାଧ୍ୟ ହୋଇ ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି । ଏ ନେଇ ସେ କହନ୍ତି, 'ଜଣେ ପ୍ରେମରେ ପଡିବା କ'ଣ ଭୁଲ ? ହେଲେ ଜଣଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ଏତେ ଆଲୋଚନା ହେବା ମୋ ମତରେ ଠିକ୍ ନୁହେଁ । ହେଲେ ଅରୁନ୍ଦୟଙ୍କ ସହ ସମ୍ପର୍କକୁ ନେଇ ମୁଁ କିଛି କହିବି ନାହିଁ । ତାଙ୍କ ସହ ମୋର କି ସମ୍ପର୍କ ତାହା ଅଳ୍ପ ଦିନ ମଧ୍ୟରେ ସମସ୍ତେ ଜାଣିପାରିବେ । ଏଭଳି ଆଲୋଚନାର ପରିସମାପ୍ତି ଖୁବ୍ ଶୀଘ୍ର ହେବ ।' ତାରାଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ ପ୍ରଯୋଜିତ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ । ତା'ପରେ ସେ 'ମରଜାଓ୍ୱାଁ', 'ତଡପ୍', 'ହିରୋପନ୍ତୀ-୨', 'ଏକ ଭିଲେନ୍ ରିଟର୍ନସ୍' ଆଦି ସିନେମାରେ ଅଭିନୟ କରିଛନ୍ତି । ତାଙ୍କ ଅଭିନୀତ ଶେଷ ଫିଲ୍ମ 'ଅପୂର୍ବା' ଗତ ବର୍ଷ ସେପ୍ଟେମ୍ବର ୧୫ରେ ରିଲିଜ ହୋଇଥିଲା ।



ତାରା

# ଲାଜରେ ଲାଜରେ କହୁଛି କଥା, କଥା ନୁହେଁ ସିଏ ପ୍ରେମର ଗାଥା

**ପ୍ରଶ୍ନ**–ଜଣେ ଝିଅ ଯଦି ଲାଜେଇ ଲାଜେଇ ଚାହିଁଲା ତେବେ କ'ଣ ବୁଝିନେବା ଯେ ସେ ମୋ ହୃଦୟରେ ରହିବାକୁ ଚାହୁଁଛି ?

–ଆଦିତ୍ୟ ସାହୁ, ପାରାଦୀପ, ଜଗତସିଂହପୁର

**ଉତ୍ତର :** ସବୁ ଲାଜ ଚାହାଣୀରେ ପ୍ରେମ ଲୁଚି ରହି ନ ଥାଏ। କେବଳ ସେହି ଲାଜକୁ ଯଦି ଭଲ ଭାବରେ ପଢ଼ି ପାରିଲ ଆଉ ତା'ଭିତିରି କଥାକୁ ବୁଝି ପାରିଲ ତେବେ ବହି ସେଟ୍ କରିବାରେ କିଛି ଅସୁବିଧା ନାହିଁ। ଯଦି ସେହି ଲାଜୁଆ ଚାହାଣୀକୁ ପଢ଼ିବାରେ ଭୁଲ ହୋଇଗଲା ତେବେ ହୁଏତ ସୁବର୍ଣ୍ଣ ସୁଯୋଗଟି ହାତରୁ ଖସିଯାଇପାରେ। 'ଲାଜରେ ଲାଜରେ କହୁଛି କଥା, କଥା ନୁହେଁ ସିଏ ପ୍ରେମର ଗାଥା।' ତେଣୁ ବେଳକାଳ ଦେଖି ଥୋପ ପକାନ୍ତୁ, କାରଣ ହୁଏତ ଏଭଳି ସୁଯୋଗ ଆଉ ମିଳି ନ ପାରେ।

**ପ୍ରଶ୍ନ**–ଏବେ ଜଣେ ଝିଅ ପ୍ରେମରେ ପଡିଯାଇଛି। ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ହେଲେ ମୁଁ ତାକୁ ଭୁଲି ପାରୁନି। ତାକୁ ପ୍ରେମ କରିବା ଠିକ୍ ହେବ କି ?

–ଅମୀୟ ରାଉତ, କଟକ

**ଉତ୍ତର :** ଆପଣଙ୍କ ପ୍ରଶ୍ନରୁ ଯାହା ଲାଗୁଛି ଝିଅଟି ସିନା ଆପଣଙ୍କ ଠାରୁ ବୟସରେ ବଡ, ହେଲେ ସେ ଆପଣଙ୍କ ମନରେ ବସା ବାନ୍ଧି ସାରିଲାଣି। ବୟସ ହିଁ ଆପଣଙ୍କ ପ୍ରେମ ରାସ୍ତାରେ ବାଧକ ସାଜିଛି। ତେଣୁ ଘଟଣାଟିକୁ ଯଦି ଆପଣ ଏବଂ ଆପଣଙ୍କ ପ୍ରେମିକା ଗୁରୁତ୍ୱ ନ ଦିଅନ୍ତି, ଏବଂ ପରସ୍ପର ଉପରେ ବିଶ୍ୱାସ ଅତୁଟ ରହେ, ତେବେ ଆପଣଙ୍କ ପ୍ରେମର ଗାଡି ସୁରୁଖୁରୁରେ ଆଗକୁ ଗଡି ଚାଲିବ।

**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ ?

–ବିବେକ, ଅନୁଗୋଳ

**ଉତ୍ତର :** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ଯଦି ସେ ପ୍ରେମିକା ଆପଣଙ୍କ ହାତକୁ ଅଧା ବାଟରେ ଛାଡି ଚାଲିଗଲା ତେବେ ତାକୁ ନେଇ ଆପଣ ଏତେ ଚିନ୍ତା କରିବାର କ'ଣ ଅଛି। ପ୍ରଥମେ ସେପରି ପ୍ରେମିକାକୁ ମନରୁ ପୋଛି ଦିଅନ୍ତୁ। କାରଣ ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ତେବେ ପ୍ରଥମେ ତାହାର ମୁଳୁଦୁଆ ଦୃଢ଼ କରନ୍ତୁ। ନୂଆ ପ୍ରେମିକା ଯେମିତି ଅଧା ବାଟରେ ଧୋକା ଦେଇ ଚାଲି ନ ଯାଏ ତାହାର ବ୍ୟବସ୍ଥା ଆରମ୍ଭରୁ କରିନିଅନ୍ତୁ। ନ ହେଲେ ଏମିତି ପ୍ରେମରେ ଧୋକା ଖାଇ ଖାଇ ଆପଣ ଚିନ୍ତାର ଦୁନିଆର ଜଣେ ପରମାନେଣ୍ଟ ଯାତ୍ରୀ ହୋଇଯିବେ।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

–ପ୍ରକାଶ, ପୁରୀ

**ଉତ୍ତର :** ଜଣେ ଝିଅର ମାନସିକତାକୁ ତର୍ଜମା କରିବା ଏତେ ସହଜ କଥା ନୁହେଁ। କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କିନ୍ତୁ କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

–ବିଜୟ କୁମାର, ବଡବିଲ


**ଉତ୍ତର :** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।



ସାଥୀ

## ପ୍ରଥମ ରୋଜଗାର

# ମା'ର ପଣତକାନିରେ ପ୍ରଥମ ରୋଜଗାରର ଖୁସି ଖୋଜୁଥିଲି



କବି **ବଳରାମ ପୂଜାରୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମାଲକାନଗିରି ଜିଲା ଖଇରପୁଟ ପୋଷ୍ଟ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗାଁରେ ମୋର ଜନ୍ମ। ଅଭାବି ପରିବାର ଭିତରେ ମୁଁ ବଡ଼ ହୋଇଛି। ବାପା ଇନ୍ଦ୍ରମଣି ପୂଜାରୀ ଗାଁ ଆରାଧ୍ୟ ଠାକୁର ଶ୍ରୀଶ୍ରୀ ଝାଡ଼େଶ୍ୱର ଶିବ ମନ୍ଦିରର ପୂଜକ ଭାବେ କାମ କରି ଯାହା ସ୍ୱଳ୍ପ ରୋଜଗାର କରୁଥିଲେ, ସେଥିରେ ଦୁଃଖେକଷ୍ଟେ ପରିବାର ଚଳୁଥିଲା। ମା' ଅନ୍ନପୂର୍ଣ୍ଣା ପୂଜାରୀ ଗୃହିଣୀ ହେଲେ ବି ମନ୍ଦିର ପୂଜାର୍ଚ୍ଚନାରେ ବାପାଙ୍କୁ ପୂର୍ଣ୍ଣ ସହଯୋଗ କରୁଥିଲା। ପ୍ରତିଦିନ ମଧ୍ୟାହ୍ନ ଭୋଗ ପାଇଁ ମନ୍ଦିରର ରୋଷଶାଳାରେ ସେ ଅନ୍ନ, ଡାଲମା, ଖଟା, ଖିରି ରାନ୍ଧୁଥିଲା। ଆଉ ମୋର କାମ ଥିଲା ପ୍ରତ୍ୟହ ଦୁଇଟି ଜରି ବ୍ୟାଗ ଧରି ଘରକୁ ଘର ବୁଲି ଭୋଗ ମାଗିବା। ସବୁ ଘର ଆଗରେ 'ଭୋଗ ଦିଅ' ବୋଲି ନମ୍ର ନିବେଦନ କରିବା। ଘରର ମା'ମାଉସୀମାନେ ଚାଉଳ, ଡାଲି, ଘିଅ, ପନିପରିବା ଆଦି ଦେଉଥିଲେ। ସୋମବାର, ସଂକ୍ରାନ୍ତି ଓ ଅନ୍ୟ ପର୍ବପର୍ବାଣି ଦିନମାନଙ୍କରେ ମିଳୁଥିବା ଭୋଗ ଚାଉଳରେ ଆମ ସଂସାର ରଥ କଷ୍ଟେମଷ୍ଟେ ଗଡୁଥିଲା। ମୋତେ ଏଭଳି କାମ କରୁଥିବାର ଦେଖି କେବେ କେମିତି ମା' ଖୁବ୍ ମନଦୁଃଖ କରୁଥିଲା। ଲୁଚାଇ ଲୁଚାଇ ଲୁହ ଝରାଉଥିଲେ ବି ଉପର ମନରେ ମୋତେ ସାହସ ଓ ଧୈର୍ଯ୍ୟ ଦେଉଥିଲା। ପିଠି ଆଉଁଶି ଦେଇ କହୁଥିଲା, 'ତୋ ଦ୍ୱାରା ଆମର ଦୁଃଖ ଦୂର ହେବ ବାବୁ। ମନ ଦେଇ ପାଠ ପଢ଼େ।' ସେତେବେଳେ କୁଡୁମୁଲୁଗୁମ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଁ ପଢୁଥାଏ। ଭଲ ପଢୁଥିବା ଯୋଗୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ମୋତେ ଆଦର କରିବା ସହ କେବେକେବେ ଖାତା ପେନ୍ ସାହାଯ୍ୟ କରୁଥିଲେ। ମୁଁ ବି ଖୁବ୍ ମନ ଲଗାଇ ପଢୁଥିଲି, ଯେଉଁଥିପାଇଁ ଏନ୍ଆର୍‌ଟିଏସ୍ ପରୀକ୍ଷା ପାଇଁ ମୋ ନାଁ ମନୋନୀତ ହୋଇଥିଲା। ମୋ ସମେତ ଆମ ବିଦ୍ୟାଳୟର ଆଉ ତିନି ଜଣ ଝିଅ ବି ଏନ୍ଆର୍‌ଟିଏସ୍ ପରୀକ୍ଷା ଦେବାକୁ ବଛା ଯାଇଥିଲେ। ଘରକାମ, ବାପାଙ୍କୁ ସହଯୋଗ, ବିଦ୍ୟାଳୟର ନିତିଦିନିଆ ଟାସ୍କ ସହ ଏନ୍ଆର୍‌ଟିଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ; ବହୁତ କଷ୍ଟ ହେଉଥିଲେ ବି ମନରେ ମୋର ଥିଲା ଅଦମ୍ୟ ସାହସ। ନିର୍ଦ୍ଧାରିତ ଦିନ ପରୀକ୍ଷାରେ ଯୋଗଦେବାକୁ ଆମକୁ ଆମ ତରେଇ ସାର୍ ଗାଇଡ୍ ଶିକ୍ଷକ ଭାବରେ ମାଲକାନଗିରି ନେଇକି ଗଲେ। ମାଲକାନଗିରି ବୁଟିଗୁଡ଼ା ବିଦ୍ୟାଳୟରେ ଜିଲା ଶିକ୍ଷାଧୀଶ ମାଲକାନଗିରି କାର୍ଯ୍ୟାଳୟରେ ପରୀକ୍ଷା ଦେଇ ଆମେ ଫେରିଆସିଲୁ। ଏବେ କେବଳ ଅପେକ୍ଷା ଥିଲା ଫଳାଫଳକୁ। ଦିନେ ଶନିବାର ଉପରଓଳି ସ୍କୁଲ୍ ପ୍ରଧାନଶିକ୍ଷକ ପିଲାଙ୍କ ହାତରେ ଖବର ପଠାଇଲେ ମୋ ବାପାଙ୍କୁ ବିଦ୍ୟାଳୟକୁ ଯିବାକୁ। ବାପା ସ୍କୁଲରେ ପହଞ୍ଚିବା କ୍ଷଣି ପ୍ରଧାନଶିକ୍ଷକ ଚେୟାରରୁ ଉଠିପଡ଼ି ବାପାଙ୍କୁ ସ୍ୱାଗତ ମୁଦ୍ରାରେ କୁଣ୍ଢେଇ ଧରି କହିଲେ, "ଆପଣଙ୍କ ପୁଅ ଏନ୍ଆର୍‌ଟିଏସ୍ ପରୀକ୍ଷାରେ ସମସ୍ତଙ୍କଠାରୁ ଅଧିକ ନମ୍ବର ରଖି ପାଶ୍ କରିବା ସହ ମାଲକାନଗିରି ସବ୍‌ଡିଭିଜନରେ ଭଲ ପିଲାଙ୍କ ତାଲିକାରେ ନାଁ ରଖିଛି। ଆପଣ ତୁରନ୍ତ କାଲି ଯାଇ ଆର୍ଆଇ ଅଫିସରୁ ଲିଗାଲ ହେୟାର ଓ ବାସିନ୍ଦା ପ୍ରମାଣପତ୍ର ଆଣନ୍ତୁ।" ସାର୍‌ଙ୍କୁ ଧନ୍ୟବାଦ ଦେଇ ବାପା ସେଠାରୁ ଆସି ଖୁସିରେ ଗଦଗଦ ହୋଇ ମା'କୁ ସବୁକଥା ଏକାନିଃଶ୍ୱାସରେ କହି ପକାଇଲେ। ଦୁଇଦିନ ଭିତରେ ଆନୁଷଙ୍ଗିକ କାଗଜପତ୍ର ପ୍ରସ୍ତୁତ ହୋଇଯିବା ପରେ ସାର୍ ମାଲକାନଗିରି ଯାଇ ସ୍କଲାରଶିପ୍ ଟଙ୍କା ନେଇଆସିଲେ। ଆମ ବିଦ୍ୟାଳୟରୁ ଚାରିଜଣ ପରୀକ୍ଷା ଦେଇଥିଲୁ, କିନ୍ତୁ ତିନି ଜଣଙ୍କ ନାଁରେ ଟଙ୍କା ଆସିଥାଏ। ଦସ୍ତଖତ କଲାପରେ ମୋତେ ସାର୍ ୨୫୦ ଟଙ୍କା ଦେଲେ। ସାର୍‌ଙ୍କୁ ମୁଣ୍ଡିଆ ମାରି ସିଧା ଧାଇଁଲି ଘରକୁ ଆଉ ମା' ହାତକୁ ବଢ଼ାଇଦେଲି ସେଇ ବହୁ ପ୍ରତୀକ୍ଷିତ ଟଙ୍କାକୁ। ଲୁହ ଜକେଇ ଆସିଥିଲା ତା' ଆଖିରେ। ଖୁସିରେ ମୋତେ କୋଳେଇ ନେଇଥିଲା। ଆଉ ମୁଁ ତା'ର ସେଇ ଲୋଚାକୋଚା ବାର ସିଉଁଣା ଶାଢ଼ି ପଣତକାନି ଭିତରୁ ଅଣ୍ଡାଳୁଥିଲି ସେତେବେଳର ସେଇ ଆକାଶଭର୍ତ୍ତି ଖୁସିରେ ମୋର ପରିବାରକୁ ମିଳିଥିବା ମୁଠାମୁଠା ଖୁସିର ତଥ୍ୟ।

ସତରେ ସମୟ ବଡ଼ ବଳବାନ୍। ଏବେ ମୁଁ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରାଥମିକ ଶିକ୍ଷକ ଭାବରେ ସରକାରଙ୍କଠାରୁ ପାଉଥିବା ମୋଟା ଅଙ୍କର ଦରମା ଆଗରେ କିନ୍ତୁ ସେଦିନର ସେହି ସ୍ୱଳ୍ପ ରୋଜଗାରଟି ବେଶ୍ ଅମୂଲ୍ୟ ମୂଳ ଲାଗେ। ତା'ଛଡ଼ା ପିଲାଟି ଦିନରୁ ମାଲକାନଗିରି ମାଟିର କଥା, ବ୍ୟଥା, ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକକଳା, ଲୋକନୃତ୍ୟ, ଲୋକ ସଂସ୍କୃତି ଓ ଲୋକବାଦ୍ୟ ଭିତରେ ବଢ଼ି କ୍ରମେ କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ, ଖବରକାଗଜରେ ସ୍ତମ୍ଭଲେଖା, ଆଦିବାସୀ ନାଟକ ଲେଖିବାକୁ ବି ପ୍ରେରଣା ପାଇଛି। ୟା' ଭିତରେ ୬ଟି କବିତା ସଂକଳନ ବି ମୋର ପ୍ରକାଶିତ ହୋଇସାରିଛି। ତଥାପି ଆଗକୁ ଆହୁରି ଯିବାକୁ ଅନେକ ରାସ୍ତା ବାକି ରହିଛି।

# ଫ୍ୟାଶନରେ ଟ୍ରାଇ କଲର୍



**ସ୍ୱାଧୀନତା ଦିବସ ଅବସରରେ ଟିକେ ଭିନ୍ନ ଦେଖାଯିବାକୁ କିଏ କେତେ ଉପାୟ ଆପଣାଇଥାନ୍ତି। କିଏ ଟ୍ରାଇ କଲର୍ ଆଉଟ୍‌ଫିଟ୍ ପିନ୍ଧନ୍ତି ତ କିଏ ଟ୍ରାଇ କଲର୍ ଆସେସରିଜରେ ନିଜକୁ ସଜାଇବାକୁ ପସନ୍ଦ କରିଥାନ୍ତି। ତଥାପି ବି ବେଳେବେଳେ କିଛି ନା କିଛି ଭୁଲ୍ ଭଟକା ରହିଯିବାରୁ ଲୁକ୍ ଫିକା ଫିକା ଲାଗେ। ତେଣୁ ଏହି କଥାକୁ ଧ୍ୟାନରେ ରଖି ଏଠାରେ ସେମିତି କିଛି ଫ୍ୟାଶନ ଟିପ୍ସ ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହାକୁ ଉପଯୋଗ କରି ଅତି ସହଜରେ ସୁନ୍ଦର ଟ୍ରାଇ କଲର୍ ଲୁକ୍ ପାଇହେବ...**



**ଟ୍ରାଇ କଲର୍ ଆଉଟ୍‌ଫିଟ୍:** ଏବେ ଟ୍ରାଇ୍‌କଲର୍ ଥିମ୍‌ବାଲା ଭିନ୍ନ ଭିନ୍ନ ଫ୍ୟାବ୍ରିକ୍‌ର ଶାଢି ମାର୍କେଟ୍‌ରେ ମିଳିଲାଣି। ଯୁବତୀମାନେ ଚାହିଁଲେ ନିଜ ପସନ୍ଦ ମୁତାବକ ଯେ କୌଣସି ଫ୍ୟାବ୍ରିକ୍‌ର ଟ୍ରାଇ କଲର୍ ଶାଢି ପିନ୍ଧି ଏହିଦିନ ଦେଶୀ ଲୁକ୍ ପାଇପାରିବେ। ନଚେତ୍ ଧଳା ରଙ୍ଗର ଶାଢି ସହ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ବ୍ଲାଉଜ୍‌କୁ ମ୍ୟାଚିଂ କରି ଏହି ଅବସରରେ ପିନ୍ଧିପାରିବେ। ସେହିପରି ଧଳା ରଙ୍ଗର ସାଲଓ୍ୱାର୍ ପିନ୍ଧି ଯୁବତୀମାନେ ତା'ଉପରେ ଟ୍ରାଇ କଲର୍ ଥିମ୍ ବାଲା ଦୁପଟ୍ଟା ପକାଇ ବି ଆରାମରେ ଟ୍ରାଇ କଲର୍ ଲୁକ୍ ପାଇପାରିବେ। ଏପରିକି କେବଳ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ଦୁପଟ୍ଟା ବା ଚୁନି ପକାଇ ମଧ୍ୟ ଆଟ୍ରାକ୍ଟିଭ୍ ଦେଶୀ ଲୁକ୍ ପାଇପାରିବେ।

**ଟ୍ରାଇ କଲର୍ ଆସେସରିଜ୍**

ଟ୍ରାଇ କଲର୍ ଶାଢି ହେଉ ଅବା ସାଲଓ୍ୱାର ଶୁଟ୍ ଏହି ଦିନ ଯୁବତୀମାନେ ଯାହାବି ପିନ୍ଧନ୍ତୁ, ଯଦି ତା'ସହିତ ମ୍ୟାଚିଂ ଚୁଡ଼ି, ଇୟର ରିଂ, ବିନ୍ଦିକୁ ସେମାନେ ଟ୍ରାଏ କରିଥାନ୍ତି, ତା'ହେଲେ ଲୁକ୍ ଖୁବ୍ ଗର୍ଜିୟସ୍ ଲାଗିଥାଏ।

* **ଟ୍ରାଇ କଲର୍ ଇୟର୍ ରିଂ–** ଏହାର ମଧ୍ୟ ଅନେକ ଭେରାଇଟି ରହିଛି। ଯଥା: ଟ୍ରାଇ କଲର ପମ୍ ପମ୍ ଇୟର ରିଂ, ଟ୍ରାଇ କଲର୍ ଟାସେଲ୍ ଇୟର ରିଂ, ଟ୍ରାଇ କଲର ଝୁମ୍‌କା, ଟ୍ରାଇ କଲର ଷ୍ଟଡ୍ ଇୟର ରିଂ, ଟ୍ରାଇ କଲର ଲିଫ୍ ଇୟର ରିଂ, ଟ୍ରାଇ କଲର ବିଡ୍ସ ଇୟର୍ ରିଂ ଇତ୍ୟାଦି ଅନ୍ୟତମ ।
* **ଟ୍ରାଇ କଲର୍ ଚୁଡ଼ି–** ଏହା ବି ବିଭିନ୍ନ ଷ୍ଟାଇଲ୍‌ରେ ମିଳିଥାଏ। ଯଥା: ଟ୍ରାଇ କଲର୍ ପାଣି ଚୁଡ଼ି, ଟ୍ରାଇ କଲର୍ ମେଟାଲ୍ ଚୁଡ଼ି, ଟ୍ରାଇ କଲର୍ ଷ୍ଟୋନ ଲାଗିଥିବା କିମ୍ବା ସୂତା କାମ ହୋଇଥିବା ଷ୍ଟାଇଲିଶ୍ ଚୁଡ଼ି ପିନ୍ଧି ବି ଏହି ଦିନ ଯୁବତୀମାନେ ଟ୍ରେଣ୍ଡି ଲାଗିପାରିବେ।

**ଟ୍ରାଇ କଲର୍ ନେଲ୍‌ଆର୍ଟ**

ସ୍ୱାଧୀନତା ଦିବସକୁ ଲକ୍ଷ୍ୟ କରି ଯୁବତୀମାନେ ନଖରେ ଟ୍ରାଇ କଲର୍ ନେଲ୍‌ଆର୍ଟ ବି କରିପାରିବେ। ଖାସ୍ କରି ଷ୍ଟ୍ରାଇପ୍, ଭର୍ଟିକାଲ୍, ହରାଇଜଣ୍ଟାଲ୍, ଫ୍ଲୋରାଲ୍, ଡଟେଡ୍, ନେଚର୍ ଥିମ୍‌ବାଲା ଟ୍ରାଇ କଲର୍ ନେଲ୍ ଆର୍ଟ ଏହିଦିନ ଯୁବତୀଙ୍କୁ ଭିନ୍ନ ଲୁକ୍ ଦେଇଥାଏ।

**ଟ୍ରାଇ କଲର୍ ମେକ୍‌ଅପ୍**

ଟ୍ରାଇ କଲର୍ ମେକ୍‌ଅପ୍‌ରେ ବି ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଖାସ୍‌କରି ସ୍ୱାଧୀନତା ଦିବସ ଅବସରରେ ଦେଶୀ ଲୁକ୍ ପାଇବାକୁ ତଥା ଫ୍ୟାଶନେବଲ୍ ଦେଖାଯିବାକୁ ଯୁବତୀମାନେ ଚାହିଁଲେ ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲା ଭଳି ଆଖିରେ ଟ୍ରାଇ କଲର୍‌ର ଆଇଶାଡୋ ଲଗାଇପାରିବେ।

**ଟ୍ରାଇ କଲର୍ ଟାଟୁ**

ଏହାଛଡ଼ା ଗାଲରେ ଟ୍ରାଇ କଲର୍ ଆର୍ଟିଫିସିଆଲ୍ ଟାଟୁ କରି ବି ଯୁବତୀମାନେ ଏହିଦିନ କିଛିଟା ଭିନ୍ନ ଲୁକ୍ ପାଇପାରିବେ।







ଶୀତଲ

## ହାଃ ହାଃ

### ମୋଟି

ସ୍ତ୍ରୀ ସ୍ୱାମୀଙ୍କୁ: ଏତେ ଦିନ ପରେ ଆଜି ମୁଁ ଜାଣିଲି।

ସ୍ୱାମୀ: କ'ଣ ଜାଣିଲ ?

ସ୍ତ୍ରୀ: ପୁଅ ବହିରେ ଲେଖା ଅଛି ଜିନିଷ ଗରମ ହେଲେ ତାହା କିଛିଟା ସ୍ପ୍ରେଡ ହୁଏ।

ସ୍ୱାମୀ: ହଁ।

ସ୍ତ୍ରୀ: ତା'ମାନେ ମୁଁ ମୋଟି ନୁହେଁ, ବରଂ 'ହଟ୍'।

### ଔଷଧ

ପାର୍ଟିରେ ସ୍ୱାମୀ ହସି ହସି ଜଣେ ମହିଳାଙ୍କ ସହ କଥା ହେବାର ଦେଖି ସ୍ତ୍ରୀ: ଚାଲ ଘରକୁ ଜଲ୍‌ଦୀ ଯିବା। ତମ ଦେହରେ ଔଷଧ ଲଗାଇବାର ଅଛି।

ସ୍ୱାମୀ: ହେଲେ ମୋର ତ କିଛି ହେଇନି।

ସ୍ତ୍ରୀ: ଘରେ ପହଞ୍ଚିଲା ପରେ ହେଇଯିବ।

### ବିଏ-ଏମ୍‌ଏ

ରାଜେଶ ମହେଶକୁ- ଦୁଇ ମାସ ତଳେ ମୁଁ ତୋ ନମ୍ବର ପ୍ଲେଟ୍‌ରେ ଦେଖିଥିଲି ବିଏ ଲେଖାହେଇଥିଲା। ଏବେ କ'ଣ ଏମ୍‌ଏ ଲେଖି ଦେଲୁଣି। ଦୁଇ ମାସରେ କ'ଣ ତୁ ଦୁଇ ବର୍ଷର ଡିଗ୍ରୀ ହାସଲ କରିଦେଲୁ ?

ମହେଶ- ନା, ସେମିତି କିଛି ନୁହଁ। ଦୁଇ ମାସ ତଳେ ମୋ ସ୍ତ୍ରୀ ବାପଘର ଯାଇଥିଲା। ତେଣୁ ଲେଖିଥିଲି ବ୍ୟାଚଲର୍ ଅଗେନ୍(ବିଏ)। ଏବେ ସେ ଆସିଗଲାଣି। ତେଣୁ ଲେଖିଦେଲି ମ୍ୟାରେଡ୍ ଅଗେନ୍(ଏମ୍‌ଏ)।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ବୁଲନ୍ତୁ ଦେଶପ୍ରୀତିରେ

**ସ୍ୱାଧୀନତା ଦିବସ ଅବସରରେ ଭାରତର ବିଭିନ୍ନ ସ୍ଥାନରେ ଦେଶଭକ୍ତିର ଅପୂର୍ବ ଝଲକ ଦେଖିବାକୁ ମିଳେ। ତେଣୁ ଏହି ବିଶେଷ ଦିନକୁ ଟିକେ ନିଆରା ଢଙ୍ଗରେ ପାଳନ କରିବାକୁ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରେମ ଜାଗ୍ରତ ହେବା ସହ ବହୁ ଐତିହାସିକ ତଥ୍ୟ ସମ୍ପର୍କରେ ଜାଣିହେବ, ଜାଣନ୍ତୁ ସେ ସମ୍ପର୍କରେ...**










✲ **ଲାଲକିଲ୍ଲା:** ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀସ୍ଥିତ ଲାଲକିଲ୍ଲା ଆଡ଼େ ମଧ୍ୟ ବୁଲିଗଲେ ମନରେ ଏକ ଅପୂର୍ବ ଶିହରଣ ଖେଳିଯାଇଥାଏ। କାରଣ ଏହା ହେଉଛି ଏକ ଐତିହାସିକ ଦୁର୍ଗ। ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଏହି ଦୁର୍ଗ ସହିତ ଜଡ଼ିତ ରହିଛି। ତା'ସାଙ୍ଗକୁ ଏହି ଦୁର୍ଗଟିର ଅପୂର୍ବ ସୌନ୍ଦର୍ଯ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ।

✲ **ସାବରମତୀ ଆଶ୍ରମ:** ଗୁଜରାଟର ଅହମଦାବାଦ୍‌ସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତ ବା ଶିଷ୍ୟମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ମଧ୍ୟ ଜ୍ଞାନ ପ୍ରଦାନ କରୁଥିଲେ। ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ତେଣୁ ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ଆଶ୍ରମକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।

✲ **ଧର୍ମଶାଳା:** ହିମାଚଳ ପ୍ରଦେଶର ଧର୍ମଶାଳାରେ ବି ସ୍ୱାଧୀନତା ଦିବସକୁ ବେଶ୍ ଉତ୍ସାହର ସହକାରେ ପାଳନ କରାଯାଇଥାଏ। ଖାସ୍ କରି ଏଠାରେ ଥିବା ଯୁଦ୍ଧ ସ୍ମାରକକୁ ତ୍ରିରଙ୍ଗାରେ ଖୁବ୍ ସୁନ୍ଦର ଭାବେ ସଜାଇ ଦିଆଯାଇଥାଏ। ତା'ସହିତ ଦେଶଭକ୍ତି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ବି ଏଠାରେ ପରିବେଷଣ କରାଯାଇଥାଏ ; ଯାହା ପର୍ଯ୍ୟଟକଙ୍କ ମନରେ ଦେଶପ୍ରିତୀର ନିଆରା ଝଲକ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ସେଥିପାଇଁ ପ୍ରତିବର୍ଷ ସ୍ୱାଧୀନତା ଦିବସ ଅବସରରେ ଏଠାରେ ଆଗନ୍ତୁକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୁଏ।

✲ **ଅଗଷ୍ଟକ୍ରାନ୍ତି ମୈଦାନ:** ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ମୁମ୍ବାଇସ୍ଥିତ ଏକ ମୈଦାନ ବା ପଡ଼ିଆରେ ସାର୍ବଜନିନ ସମ୍ମିଳନୀରେ ଭାରତଛାଡ଼ ଆନ୍ଦୋଳନର ନାରାବାଜି ଦେଇଥିଲେ। ଯେଉଁ ପଡ଼ିଆରୁ ଗାନ୍ଧିଜୀ ଏହି ଅଭିଯାନର ମୂଳଦୁଆ ପକାଇଥିଲେ, ତାହା ବର୍ତ୍ତମାନ ଅଗଷ୍ଟକ୍ରାନ୍ତି ମୈଦାନ ନାଁରେ ଜଣାଶୁଣା। ପୂର୍ବରୁ ଏହା ଗୋୱାଲିୟା ଟ୍ୟାଙ୍କ ମୈଦାନ ଭାବେ ଜଣାଯାଉଥିଲା। ତେଣୁ ବିଭିନ୍ନ ସ୍ମରଣୀୟ ଦିବସରେ ଖାସ୍ କରି ସ୍ୱାଧୀନତା ଦିବସରେ ପର୍ଯ୍ୟଟକ ଏଠାକୁ ବୁଲିଗଲେ ବିଶେଷ କାର୍ଯ୍ୟକ୍ରମଗୁଡ଼ିକୁ ଉପଭୋଗ କରିବାର ସୁଯୋଗ ନେଇପାରିବେ।

✲ **ଇଣ୍ଡିଆ ଗେଟ୍:** ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ବି ହେଉଛି ଏକ ରାଷ୍ଟ୍ରୀୟ ସ୍ମାରକ। ସ୍ୱାଧୀନତା ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଇଣ୍ଡିଆ ଗେଟ୍ ଆଡ଼େ ବୁଲି ଯାଇ ମନରେ ଦେଶପ୍ରୀତି ଜାଗ୍ରତ କରିବା ସହ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ।

ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ ସ୍ୱାଧୀନତା ଦିବସ ଅବସରରେ କୋଲକାତାର ନେତାଜୀ ଭବନ, ଲଦାଖର କାରଗିଲ୍ ଯୁଦ୍ଧ ସ୍ମାରକ, ଉତ୍ତରପ୍ରଦେଶର ଝାନ୍ସି କିଲ୍ଲା, ଗୁଜରାଟର ପୋର୍‌ବନ୍ଦର ଆଦି ସ୍ଥାନକୁ ବୁଲିଯାଇ ଦେଶପ୍ରୀତିର କିଛିଟା ନିଆରା ଅନୁଭୂତିକୁ ସାଉଁଟିପାରିବେ। କେବଳ ସେତିକି ନୁହେଁ, ଶିମ୍‌ଲା, ମସୁରୀ, ଶିଲଂ ତଥା ଅନ୍ୟ କେତେକ ପର୍ଯ୍ୟଟନସ୍ଥଳୀକୁ ବି ବୁଲିଯାଇ ସେଠାରେ ଏହି ବିଶେଷ ଦିନକୁ କିଭଳି ନିଆରା ଢଙ୍ଗରେ ପାଳନ କରାଯାଉଛି ତାହାକୁ ମଧ୍ୟ ନିକଟରୁ ଜାଣିବାର ସୁଯୋଗ ପାଇପାରିବେ।



# ସେଠ୍ ରାମଦାସଜୀଙ୍କ ବଳିଦାନ



**କେତେ ଲହୁ ବୋହିଛି, କେତେ ଜୀବନ ଯାଇଛି । ତା'ପରେ ଯାଇ ଭାରତ ସ୍ୱାଧୀନ ହୋଇଛି । ଇତିହାସ ପୃଷ୍ଠାରେ ଅନେକ ବୀର ଶହୀଦ ସ୍ଥାନ ପାଇଛନ୍ତି। ହେଲେ ଏମିତି ବି କେତେଜଣ ଥିଲେ, ଯେଉଁମାନେ ଦେଶ ପାଇଁ ନିଜ ଲହୁ ବୁହାଇବା ସହ ଜୀବନ ବି ଦେଇଥିଲେ। ହେଲେ ଇତିହାସ ପୃଷ୍ଠାରେ ନାହିଁ ସେମାନଙ୍କ ବଳିଦାନ ସମ୍ପର୍କରେ ବିଶେଷ କିଛି ତଥ୍ୟ। ଯେମିତିକି ସେଠ୍ ରାମଦାସଜୀ ଗୁଡ୍‌ୱାଲା। ଯାହାଙ୍କ ଦେଶଭକ୍ତି ଦେଖି ଦିନେ ଇଂରେଜ ସରକାର ଡରିଯାଇଥିଲା। ଆଉ ଷଡ଼ଯନ୍ତ୍ର କରି ଗିରଫ କରିବା ପରେ ଇତିହାସର ସବୁଠାରୁ କ୍ରୂର ମୃତ୍ୟୁଦଣ୍ଡ ଦିଆଯାଇଥିଲା...**

ଦିଲ୍ଲୀର ଅଗ୍ରୱାଲ ପରିବାରରେ ଜନ୍ମିତ ସେଠ୍ ରାମଦାସଜୀ ଗୁଡ୍‌ୱାଲା ଥିଲେ ଜଣେ କୋଟିପତି ବ୍ୟବସାୟୀ । ତା'ସହ ସେ ଜଣେ ବ୍ୟାଙ୍କର ବି ଥିଲେ । ରାମଦାସଙ୍କ ପରିବାର ଦିଲ୍ଲୀରେ ସର୍ବପ୍ରଥମେ କପଡ଼ା ମିଲ୍ ସ୍ଥାପନ କରିଥିଲେ । ସେ ଏତେ ଧନୀ ଥିଲେ ଯେ, କୁହାଯାଉଥିଲା ତାଙ୍କ ପାଖରେ ଥିବା ସୁନା, ରୁପା, ଅଳଙ୍କାରରେ ଯଦି କାନ୍ଥ



କରାଯାଏ, ତେବେ ଗଙ୍ଗାନଦୀର ଜଳକୁ ରୋକାଯାଇପାରିବ । ୧୮୫୭ ମସିହାରେ ଆରମ୍ଭ ହୋଇଥିଲା ସିପାହି ବିଦ୍ରୋହ, ଯାହା ଧୀରେ ଧୀରେ ସାରା ଭାରତରେ ବ୍ୟାପୀ ଯାଇଥିଲା । ଏହା ଯେବେ ଦିଲ୍ଲୀରେ ପହଞ୍ଚିଥିଲା ବାହାଦୁର ଶାହ ଜାଫରଙ୍କୁ ଏହି ବିଦ୍ରୋହର ନାୟକ ଦାୟିତ୍ୱ ଦିଆଯାଇଥିଲା । ସେ ଥରେ ଯୁଦ୍ଧ କରି ଇଂରେଜ ସରକାରଙ୍କୁ ହରାଇଲେ । ଏହାପରେ ବିଭିନ୍ନ ରାଜ୍ୟର ଭାରତୀୟ ସେନା ଦିଲ୍ଲୀରେ ଡେରା ପକାଇଲେ ଯେମିତିକି ସେନା ସଶକ୍ତ ହେବ । ହେଲେ ଏତେ ସଂଖ୍ୟକ ସେନାଙ୍କ ଲାଗି ଭୋଜନ, ବେତନର ସମସ୍ୟା ଦେଖାଦେଲା । ବାହାଦୁର ଶାହ ବହୁତ ଚିନ୍ତିତ ହୋଇପଡ଼ିଥିଲେ । କାରଣ ସେତେବେଳକୁ ତାଙ୍କ ଧନ ଖାଲି ହୋଇଯାଇଥିଲା । ଯେବେ ସେଠ୍ ରାମଦାସ ଜୀଙ୍କୁ ଏ ସମ୍ପର୍କରେ ଖବର ମିଳିଲା, ସେ ବାଦଶାହଙ୍କ ପାଖକୁ ଗଲେ ଓ ନିଜ କୋଟି କୋଟି ଟଙ୍କାର ସମ୍ପତ୍ତି ତାଙ୍କୁ ପ୍ରଦାନ କରି କହିଲେ- 'ମାତୃଭୂମିର ରକ୍ଷା ହୋଇପାରିଲେ ଧନ ପୁଣି ଥରେ ଅର୍ଜନ କରିହେବ ।' ସେ କେବଳ ଧନ ଦେଇ ନ ଥିଲେ ; ସୈନିକଙ୍କୁ ଛତୁଆ, ଅଟା ସହ ଓଟ ଓ ଘୋଡ଼ାଙ୍କ ପାଇଁ ଖାଦ୍ୟ ବି ଦେଇଥିଲେ । କାରଣ ସେ ଚାହୁଁଥିଲେ ସେନା ସଶକ୍ତ ହେଉ ଯେମିତିକି ଇଂରେଜ ସରକାର ସହ ଟକ୍କର ଦେଇ ହେବ । ସେ ଏକ ଗୁପ୍ତଚର ବିଭାଗ ବି ଗଢ଼ିଲେ, ଯାହା ମାଧ୍ୟମରେ ଇଂରେଜ ସରକାରର ସବୁ ଖବର ମିଳିବ । ତା'ସହ ଭାରତୀୟ ଦେଶଦ୍ରୋହୀଙ୍କ ସମ୍ପର୍କରେ ବି ସୂଚନା ମିଳିବ । ଯା' ଭିତରେ ଇଂରେଜମାନେ ପୁଣିଥରେ ଦିଲ୍ଲୀ ଉପରେ ଆକ୍ରମଣ କରିଥିଲେ । ସେଠ୍ ରାମଦାସ ବିଭିନ୍ନ ସ୍ଥାନରେ ଜହର ମିଶ୍ରିତ ମଦ ପେଟି ରଖିଥିଲେ । ଇଂରେଜ ସେନା ମଦକୁ ଲୋଭରେ ପିଇ ସେଇଠି ଟଳିପଡ଼ିଲେ । ସେଠ୍‌ଙ୍କର ଏଭଳି ଭାରତୀୟ ସେନାକୁ ସାହାଯ୍ୟ କରିବା ଓ ତାଙ୍କ ସଂଗଠନ ଶକ୍ତି ଦେଖି ବ୍ରିଟିଶ୍ ସରକାର ଭୟଭୀତ ହୋଇଯାଇଥିଲେ । ଇଂରେଜ ସରକାର ଜାଣିଗଲେ ଯେ, ଭାରତ ଉପରେ ଲମ୍ବା ସମୟ ପର୍ଯ୍ୟନ୍ତ ଶାସନ କରିବାକୁ ହେଲେ ସେଠ୍ ରାମଦାସଜୀଙ୍କୁ ଅନ୍ତ କରିବାକୁ ହେବ । ଶେଷରେ ଇଂରେଜ ସରକାର ଷଡ଼ଯନ୍ତ୍ର କରି ସେଠ୍ ରାମଦାସଜୀଙ୍କୁ ଗିରଫ କଲେ । ଆଉ ତାଙ୍କୁ ଏତେ ନୃଶଂସଭାବେ ଦଣ୍ଡିତ କରି ହତ୍ୟା କଲେ ଯେ, ତାକୁ ଇତିହାସର ସବୁଠାରୁ କ୍ରୂର ଦଣ୍ଡ କୁହାଯାଏ । ପ୍ରଥମେ ତାଙ୍କୁ ଏକ ଖମ୍ବରେ ଦଉଡ଼ିରେ ବନ୍ଧାଗଲା । ଆଉ ଶିକାରୀ କୁକୁରଙ୍କୁ ଛାଡ଼ି ଦିଆଗଲା । ଶିକାରୀ କୁକୁର ତାଙ୍କ ଶରୀରକୁ ଝୁଣି ପକାଇଲେ । ଜୀବନ୍ତ କଲବଲ ହେଇ ରକ୍ତ ଜୁଡ଼ୁବୁଡ଼ୁ ଓ ଅଧମରା ଅବସ୍ଥାରେ ଥିବା ରାମଦାସଜୀଙ୍କୁ ଏହାପରେ ଦିଲ୍ଲୀ ଚାନ୍ଦିନୀ ଚୌକ ପୋଲିସ ଥାନା ସମ୍ମୁଖରେ ଫାଶୀ ଦିଆଗଲା । ଏଭଳି ଦୁଃଖଦ ଦେହାନ୍ତ ଘଟିଥିଲା ଏହି ଦେଶପ୍ରେମୀଙ୍କର । ପ୍ରସିଦ୍ଧ ଐତିହାସିକ ନିଜ ପୁସ୍ତକ 'ହିଷ୍ଟ୍ରି ଅଫ୍ ଫ୍ରିଡମ୍ ମୁଭ୍‌ମେଣ୍ଟ'ରେ ସେଠ୍ ରାମଦାସ ଗୁଡ୍‌ୱାଲଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ।

# ହୀରାରେ ଲିପ୍ ଆର୍ଟ

ମେକ୍‌ଅପ୍ ଏକ ଆର୍ଟ ଓ ଏକ ସୃଜନଶୀଳ କାମ । ଯାହାର ସୃଜନଶୀଳତା ଯେତେ ସେ ସେତେ ଭିନ୍ନ ଓ ଆକର୍ଷକ ମେକ୍‌ଅପ୍ କରିପାରନ୍ତି । ଅଷ୍ଟ୍ରେଲିଆର କ୍ଲେର୍ ମାକ ନାମକ ଜଣେ ମେକ୍‌ଅପ୍ ଆର୍ଟିଷ୍ଟ ତ ଏହାକୁ ନେଇ ୱାର୍ଲ୍ଡ୍ ରେକର୍ଡ ବି କରିଛନ୍ତି । ସେ ଜଣେ ମଡେଲଙ୍କ ଓଠରେ ୩.୭୮ କୋଟିର ହୀରାରେ ସୁନ୍ଦର ଲିପ୍ ଆର୍ଟ କରିଥିଲେ, ଯାହାକି ପୃଥିବୀର ସବୁଠୁ ଦାମୀ ଲିପ୍‌ଆର୍ଟ ଭାବେ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି । ଉକ୍ତ ଲିପ୍ ଆର୍ଟରେ ୧୨୬ଟି ହୀରା ଲାଗିଥିଲା । ଫଳରେ ମଡେଲଙ୍କ ଓଠ ହୀରାର ଚମକରେ ଝଲସିଯାଉଥିଲା । ରୋଜେଣ୍ଡ୍ରଫ ଡାଇମଣ୍ଡସ୍ ତା'ର ୫୦ତମ ଜନ୍ମ ଦିବସକୁ ଖାସ୍ କରିବା ପାଇଁ ଏହାକୁ ଆୟୋଜନ କରିଥିଲା । ମେକ୍‌ଅପ୍ ଆର୍ଟିଷ୍ଟ କ୍ଲେର୍ ମାକ୍ ଖୁବ୍ ସୁନ୍ଦର ଭାବେ ଏହି ମେକ୍‌ଅପ୍ କରିଥିଲେ । ଏହାକୁ କରିବା ଲାଗି ତାଙ୍କୁ ପ୍ରାୟ ଅଢ଼େଇ ଘଣ୍ଟା ସମୟ ଲାଗିଥିଲା । ଏହି ମେକ୍‌ଅପ୍ କରିବା ପାଇଁ ସେ ପ୍ରଥମେ ମଡେଲଙ୍କ ଓଠରେ କଳା ଲିପ୍‌ଷ୍ଟିକ୍ ଲଗାଇଥିଲେ । ଆଉ ତା'ଉପରେ ୨୨.୯୨ କ୍ୟାରେଟ୍‌ର ୧୨୬ଟି ହୀରା ଲଗାଇ ସଜାଇଥିଲେ । ଏହି ହୀରାସବୁକୁ ରୋଜେଣ୍ଡ୍ରଫ ନିଜେ ଡିଜାଇନ୍ କରିଥିଲେ । ହୀରାଖଚିତ ଓଠକୁ ଜଗିବା ଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ହାତସୁଖ

ଏଇ ସଂସାରରେ ଢେର୍ ଲୋକ କଥାର ମଞ୍ଜି ଭିତରକୁ ନ ପଶି, ସଞ୍ଜ ଯାଏଁ ସନ୍ଦେହରେ ଭ୍ରମି ପିଟାପିଟି, କୁଟାକୁଟି, କଳିଗୋଳରେ ମାତି ସମୟ ସାରନ୍ତି ସିନା, ସାରକଥା ଜାଣିବାରେ ସାହସ କ'ଣ ଜୁଟେଇପାରନ୍ତି ? ଦିନ ଯାଇ ସଞ୍ଜ ହେଉ ଅବା ଜୀବନର ସଞ୍ଜ ହେଉ, ସର୍ବଦା ଅସତ୍ୟ ଉପରେ ଲାଗିଥିବା, ସତ୍ୟ ଭଳି ମନେହେଉଥିବା ଖୋଳପାକୁ ଜାବୁଡ଼ିଧରି ଚାଲିଥାନ୍ତି । ଏମାନଙ୍କ ଭିତରୁ ଅନେକେ ଶବ୍ଦର ଯାଦୁକର, ଜ୍ଞାନୀ ପଣ୍ଡିତ ନର, କରୁଣାର ଅବତାର ବୋଲାଉଥିଲେ ବି ପର ଦେହର ପୀଡ଼ାର ନିବାରଣାର୍ଥେ ସିନା ପିଠି ଆଉଁଶି ନ ପାରନ୍ତି, ମାତ୍ର ନିଜ ହାତସୁଖ ପାଇଁ ସୁବିଧା ମିଳିଲେ ବିଧାଚାପୁଡ଼ା ମାରିବାର ମୌକାକୁ ହାତଛଡ଼ା କରି ନ ପାରନ୍ତି ! ହେଲେ ମୁଁ ବୁଝିପାରେନି, ନିଜ ହାତକୁ କଷ୍ଟଦେଇ ଏଇ ବିଧାମରା ବିଧାନକୁ କେମିତି ହାତସୁଖ ବୋଲି ଭାବନ୍ତି ! ଓ ହୋ..! ବୁଝିଲି । ଆପଣା ହାତକୁ ବରଂ କଷ୍ଟ ହେଉ, ପର ପିଠିରେ ବିଧା ଥୋଉ- ଏହାକୁ ସ୍ୱାର୍ଥତ୍ୟାଗୀ କଷ୍ଟ ସହିଷ୍ଣୁ ଦୟାବତାର ମାନବ ଏଇଥିପାଇଁ କହନ୍ତି ।

ଏମିତିକା ଜଣେ ଭଦ୍ରଲୋକ, ଥରେ ଦୁଇ ଡେଣା ଛାଟି ଛାଟି ଆସୁଥିବା ଦେଖି ପଚାରିଲି ଭାଇ ! ଦୁଇ ହାତ ବିକଳହୋଇ ଛାଟୁଛ କାହିଁ ? ସେ କହିଲେ, କିଛି ନାହିଁ ମ, ଟିକେ ହାତସୁଖ ମଉକା ହାତଛଡ଼ା ନ କରିପାରି ସେଇ ଲୋକ ପିଠିକି ଗୁଡ଼ାଏ ପିଟିଦେଲି ତ, ସେଥିପାଇଁ ହାତ ଦିଟା ବିନ୍ଧୁଛି.. ଡେଣାକୁ ମୋର ଛାଟୁଛି । ମତେ କହିଲେ ଯାଉନ ! ତେମେ ବି ଟିକେ ହାତସୁଖ କରିଆସିବ ! ଏମିତି ସୁବିଧା କିଆଁ ଛାଡ଼ିବ ? ମୁଁ ପଚାରିଲି, କିଏ, କାହିଁକି ମାଡ଼ଖାଉଛି ? ବନ୍ଧୁ କହିଲେ.. ଆହେ, ସେ କଥା କିଏ ପଚାରୁଛି ! ଏତେ ଖୋଳତାଡ଼ା କରିବାକୁ କାହାକୁ ବେଳ ଅଛି ? ସମସ୍ତେ ମିଶି ପିଟୁଥିବା ଦେଖି, ମୁଁ ଗାଡ଼ିକୁ ରଖି ଗଲି, ଥୋଡ଼ାଏ ପିଟି ହାତସୁଖ କରିଆସିଲି । ଯାଅ ! ଏ ସୁବିଧା ନ ଛାଡ଼ି ତେମେ ବି ହାତସୁଖ କରିପକାଅ ।

ବାଃ ବାଃ ରେ ଶିକ୍ଷିତ ଭଦ୍ରବାବୁ -ବିଜି ପର୍ସନ ! ହଁ, ତମ ଭଳିଆ ବିଜି ପର୍ସନଙ୍କ ସମୟ କାହିଁ ଯେ, କରିବ ସତ୍ୟର ଉନ୍ମୋଚନ ? ଘଟଣା କ'ଣ, କାହିଁକି କେଜାଣି ଜାଣିବାକୁ ମୋ ମନ ଉଛନ୍ନ ହେଲାରୁ, ଗଲି । ଗହଳି ଠେଲି ଭିତରେ ପଶିଲି । ଯାହା ଦେଖିଲି, ଏ ମଣିଷପଣିଆକୁ ଧନ୍ୟବାଦ ଦେବି ନା ଧିକ୍କାର କରିବି ବୁଝିପାରୁ ନ ଥିଲି । ଜଣେ ଷାଠିଏ ବର୍ଷିଆ ମଉସା ନିର୍ଦ୍ଧୂମ୍ ମାଡ଼ ଖାଉଥିଲେ । ଭେଣ୍ଡିଆ ମରଦ ଦଳ ମିଶି ପିଟୁଥିଲେ । କିଏ କହୁଥିଲେ -ବୁଢ଼ା ଦେହରେ ମଳୟ ଲାଗିଛି ତ କିଏ କହୁଛି ମୋବାଇଲରେ ବୋଧେ କ'ଣ ଦେଖି ବୁଢ଼ା ଦେହରେ ଯୌବନ ଧସେଇ ପଶିଛି । ପୁଣି ଆଉ କିଏ କହୁଥିଲେ ଦିଅରେ.. ଭଲକି ପୁଳାଏ ବୁଢ଼ା ପିଠିରେ ନାଦିଦିଅ ! ହୁଁ..! ବୁଢ଼ାର କୁଲୁ କୁଲୁ ଦୋଷ ଯାଇନି !

'ଆପଣା ଚକ୍ଷୁ ଦୋଷ ବଶେ.. ଅନ୍ୟର ଗୁଣ ଦୋଷ ପରି ଦିଶେ ' ଏ କଥା ବିଚାରି ଲାଭ ନାହିଁ । ଏଇ ଶିକ୍ଷିତ ପରି ଦୃଶ୍ୟମାନ-ନିର୍ମଳ ଭାବମୂର୍ତ୍ତିସମ୍ପନ୍ନଙ୍କ ମହିମା କ'ଣ କମ୍ ! ହେଇ, ଦେଖୁନାହାନ୍ତି... ସୁନ୍ଦରୀ ତରୁଣୀଙ୍କୁ ଦେଖୁ ଦେଖୁ, ତାଙ୍କ ହୃଦୟ ଯନ୍ତ୍ରଣା ବୁଝିପାରି ତତ୍କ୍ଷଣାତ ଆକ୍ସନ ନେଇଥିଲେ । କଳିହୁଡ଼ି ଯେମିତି କଳି ନ କଲେ ତାଙ୍କ କଳପାଟି ବିନ୍ଧେ, ଠିକ୍ ସେମିତି ଏମାନେ ହାତସୁଖ ନ କଲେ ତାଙ୍କ କୋମଳ କର ଭାରି ବ୍ୟଥା ହୁଏ । ତା' ଛଡ଼ା ସୁନ୍ଦରୀ ଯୁବତୀଙ୍କୁ ସାହାଯ୍ୟକରି ଖାଣ୍ଟି ଭଉଣୀ ମଣିଲା ବେଳେ ମାଡ଼ ଖାଉଥିବା ବୃଦ୍ଧ କିନ୍ତୁ କାହାର ବାପ- ଭାଇ- ମଉସା-ପିଇସା କି ଶ୍ୱଶୁର ପରି ଦିଶୁ ନ ଥିଲେ । ସେମିତି ଦେଖିବା ବି ଭଲ ନୁହେଁ । କାରଣ ଭଗ୍ନୀ ପ୍ରୀତି, ଅନ୍ୟ ମୋହରେ କମିଯିବ ନା ! ତେଣୁ ଘଟଣାର ସତମିଛ ପରଖିବା ଆଗରୁ ଭ୍ରାତୃଗଣ ତାଙ୍କ ଡିଉଟି ସାରିଦେଇଥିଲେ । ବିଳମ୍ବରେ ହେଉ ବରଂ ପୋଲିସ ଖବର ପାଇ



ଆସି ଘଟଣା ସମ୍ପର୍କରେ ବୁଝିଲା ବେଳକୁ ଶହକେ ସତୁରି ଭାଇଙ୍କର ଆଉ ଦେଖା ନ ଥିଲା । ଆଉ ଯେତିକି ଥିଲେ , ଥାନାକୁ ଯିବା ଆଗରୁ ଛୁ । ଶେଷରେ ସେଇ ଅଟୋ ଭାଇନା, ତରୁଣୀ ଓ ମଉସାଙ୍କୁ ଥାନା ସାର୍ ଗାଡ଼ିରେ ବସେଇ ନେଲାବେଳକୁ ମଉସାଙ୍କ ହୋସ୍ ଉଡ଼ିବା ଦଶା । ଥାନାବାବୁ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଅଟୋ ଚାଳକଙ୍କୁ ପଚାରିବାରୁ, ସେ କହିଲେ.. ମୋ ଅଟୋରେ ମଉସା ବସି ଆସୁ ଆସୁ ଏଇ ମାଡାମ୍ ହାତ ଦେଖେଇ ଅଟକେଇ ଗାଡ଼ିରେ ବସିଲେ । କିଛି ଦୂର ଆସି ମତେ ଅଟୋ ରଖିବାକୁ କହିଲେ ଓ ମଉସାଙ୍କୁ ଟାଣି ଘୋଷାରି ଚିତ୍କାର କରି ଲୋକଙ୍କୁ ଡାକି ବହୁତ ଅବାଗିଆ ବଦନାମ କରେଇ କାନ୍ଦିବାକୁ ଲାଗିଲେ । ମଉସା କୁଆଡ଼େ ଅଟୋରେ ତାଙ୍କ ଇଜ୍ଜତ ଲୁଟିନେଲେ ! ଏ କଥା ଶୁଣି କେତେଜଣ ଲୋକେ ମଉସାଙ୍କୁ କୁଟିଚାଲିଲେ । ପୋଲିସ ସାର୍ ପଚାରିଲେ, ସେ ତରୁଣୀ ଦେହରେ ହାତ ଦେଇଥିଲେ କି ?

ଅଟୋ ଭାଇ କହିଲେ, ନାଇଁ ସାର୍ । ବରଂ ମଉସା ତରୁଣୀଙ୍କଠୁ ଫୁଟେ ଛାଡ଼ି କଡ଼େଇ ହେଇକି ଚୁପ୍‌ଚାପ୍ ବସିଥିଲେ । ସାର୍ ପଚାରିଲେ, କିରେ ତୁ ତ ଆଗକୁ ଅନେଇଁ ଅଟୋ ଚଳାଉଥିଲୁ , ସେ ଏମିତି କରିନାହିଁ କେମିତି ଜାଣିଲୁ ? କହିଲା, ସତ କହୁଛି ସାଆରେ, ସୁନ୍ଦରୀ ତରୁଣୀକି ମୁଁ ମୋ ସାମ୍ନା ଦର୍ପଣରେ ନିରେଖି ଦେଖୁଥିଲି ତ...! ଆରେ ତୋ ଜାଗାରେ ମଉସା ଖାଇଲେ ମାଡ଼... ?- ସାର୍ କହିଲେ । ତରୁଣୀକି ପେଲିସ ସାର୍ ପୁଛାକଲେ, ସତ କୁହ, ତମେ କାହିଁକି ଏମିତି କଲ । ନଚେତ୍ ତମକୁ ଜେଲ ପଠେଇବି । ବୁଢ଼ାର କିଛି ହୋଇଗଲେ ମର୍ଡର କେସ୍‌ରେ ଫସେଇବି । ଆଉ ସତ କହିଲେ.. ଛାଡ଼ିଦେବି । ଏଥର ତରୁଣୀ ତୁଣ୍ଡ ଖୋଲିଲେ । ମାଡ଼ ଓ ଇଜ୍ଜତ ଯିବା ଡରରେ କହିଲେ -ମୁଁ ମଜ୍‌ବୁରି ଥିଲି । ଅଟୋ ଭଡ଼ା ନ ଦେବା ପାଇଁ ଆଉ କିଛି ଟଙ୍କା ପାଇବା ଲୋଭରେ ଏମିତି ନାଟକ କରିଥିଲି ସାର୍ । କେତେଥର ଏମିତିଆ କାଣ୍ଡକରି ବହୁ ଫାଇଦା ପାଇଥିଲି । ମାତ୍ର ଆଜିର ବିଚାର ବିଗିଡ଼ିଗଲା ସାର୍ । ସରି .. ଭେରି ସରି.. ଏକ୍ସଟ୍ରିମ୍‌ଲି ସରି । ଡୋଣ୍ଟ ଓରି । ଏଭଳି ଭୁଲ୍ ଆଉ ରିପିଟ୍ ହେବନି । ମୁଁ ହାତକାଟି ଲେଖିଦେଉଛି । ମତେ ଛାଡ଼ିଦିଅନ୍ତୁ ପ୍ଲିଜ୍ ! ହେଲେ ମତେ ଟଙ୍କା ୨ଶହ ଦିଅନ୍ତୁ ପ୍ଲିଜ୍ ! ପୋଲିସବାବୁଙ୍କଠୁ ଟଙ୍କା କ'ଣ ପାଇଁ ନେଲା କି ଠକିଦେଇଗଲା-ବହୁ ଛାନ୍‌ଭିନ୍ କରି ଜାଣିଲେ । ଝିଅଟି ତାଙ୍କ ଗାଁ ଏରିଆରେ ଗୋଟେ ହୀରା । ହୀରା ନୁହଁ କୋହିନୁର ହୀରା ମେଧାବୀ, ସର୍ବଗୁଣବତୀ ଛାତ୍ରୀ ଭାବରେ ବିଖ୍ୟାତ ଥିଲା । କିନ୍ତୁ ଅତି ଆପଣାର ମନେହେଉଥିବା ସାଙ୍ଗ ଗହଣରେ ତାଙ୍କ ଚିକ୍କଣ କଥାରେ ପଡ଼ି କୋହିନୁରରୁ କୋଇଲା ହୋଇଯାଇଛି ସହରରେ ଆସି । ଉଚ୍ଚଶିକ୍ଷା ପାଇଁ ସହରରେ ରହି ଡ୍ରଗ୍ସ ଖାଇ, ଇଜ୍ଜତ, ବୁଦ୍ଧି ବିବେକ ଚରିତ୍ର ସବୁ ସାରିଦେଇଛି । ପିତାମାତାଙ୍କ ଉଚ୍ଚ ଆଶାକୁ ନର୍କକୁ ପଠେଇସାରିଛି । ଆହା, ବିଚରା ଏ ନିଶା ଆଉ ସାଥୀ... ଦୁନିଆର ଚରିତ୍ର ଏମିତି ବଦଳେଇ ଚାଲିଛନ୍ତି ଟି.. । ଛାନ୍‌ଭିନ୍ କରିବା ଆଗରୁ, ସେ ଥାନାବାବୁଙ୍କୁ ବି ଫସେଇ ପକେଇଲା..!. ସରି କହି ଅଣସରିରେ ସେ ପୂରେଇଦେଲା !

ହଉ ଛାଡ଼ କହି, ପୋଲିସବାବୁ ଡାକିଲେ ମଉସା ! ଉଠ ! ତମ ବୟାନ ଦିଅ । ଏଥର ମଉସା ଯେମିତି ମୁର୍ଦ୍ଦାର ଭଳିଆ ପଡ଼ିଥିଲେ, ଚମକେଇ ଖାଡ଼ାହେଲେ । ହୋ.. ହୋ.. ହସିଲେ । ପୋଲିସବାବୁ ଆଁ କରି ଅନେଇବାରୁ ମଉସା କହିଲେ, ସହରରେ ଏମିତିକା ଝୁଅ ମାତିଲେଣି.. ବେଳକାଳ ଦେଖି ଲୁଚିଲେଣି... ଲୋକଙ୍କ ଦ୍ୱାରା କୁଟେଇବା ମୋ ପୂର୍ବ ଅନୁଭୂତିରୁ ଜାଣି ମୁଁ ସାବଧାନ । ତେଣୁ ପିଠିରେ ତୁଳା ଭର୍ତ୍ତି ମିରିଜେଇ କୁର୍ତ୍ତା ପିନ୍ଧିଥିବାରୁ ବଞ୍ଚିଗଲି । ଏଇ ଝୁଅ ଆଉ ଦିନେ ମୋଠାରୁ ଲୁଟିଥିବା ଜାଣି, ଅଟୋରେ ତା' ଠାରୁ ଫୁଟେ ଛାଡ଼ି ବସିଥିଲି । ହେଲେ ବାବୁ ! ତମ ଭଳିଆ ପୋଲିସଙ୍କୁ ଠକିଦେଲା ! ପୋଲିସବାବୁ କହିଲେ, ହେ ମଉସା ! ତୁମେ ବରଂ ମୋଠୁ ନିଅ ଆଉ ପାଞ୍ଚଶହ, ମାତ୍ର ଏ କଥା କୋଉଠି ନ କହି.. କରିବନି ମତେ ଲୋକହସା..! ସମସ୍ତଙ୍କୁ ସିନା ପାରିହେବ, ହେଲେ ଏମିତି ଓଲେଇ ସୁନ୍ଦରୀଙ୍କୁ... ନା ବାବା.. ନା !


*-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ୩୧ଟି କାଳଜୟୀ କାହାଣୀ

**ସଂକଳକ: ରତ୍ନାକର ନାୟକ, ପ୍ରକାଶକ- ବନଫୁଲ,ଭୁବନେଶ୍ୱର, ମୂଲ୍ୟ- ୩୦୦ଟଙ୍କା**

ପୁସ୍ତକରେ ୩୧ଟି କାଳଜୟୀ ଲେଖକଙ୍କ ଗଳ୍ପ ପ୍ରକାଶିତ ହୋଇଛି । ସେମାନଙ୍କ ମଧ୍ୟରେ ରହିଛନ୍ତି, ଫକୀରମୋହନ ସେନାପତି, ନନ୍ଦକିଶୋର ବଳ, ଗୋଦାବରୀଶ ମିଶ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋଦାବରୀଶ ମହାପାତ୍ର, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଅନନ୍ତ ପ୍ରସାଦ ପଣ୍ଡା, ଭଗବତୀଚରଣ ପାଣିଗ୍ରାହୀ, ନିତ୍ୟାନନ୍ଦ ମାହାପାତ୍ର ଓ ଗୋପୀନାଥ ମହାନ୍ତି ପ୍ରମୁଖ । କଥାବସ୍ତୁ, ଚରିତ୍ର, ପରିବେଶ,





ସମୟସୀମା, ଭାଷାଶୈଳୀ, କଥାର ପ୍ରାରମ୍ଭ, ମଧ୍ୟଭାଗ ଓ ଅନ୍ତିମ ଅଂଶ ପ୍ରତି ଯତ୍ନବାନ ନ ହେଲେ ଗପ ତାର ଗଠନକଳା ଓ କାରିଗରୀ କୌଶଳରୁ ବାଦ ପଡିଯାଏ । ଫକୀରମୋହନଙ୍କ ଠାରୁ ଆରମ୍ଭ କରି ରାମଚନ୍ଦ୍ର ବେହେରାଙ୍କ ସମୟସୀମା ପର୍ଯ୍ୟନ୍ତ ଯେଉଁସବୁ କାଳଜୟୀ କାହାଣୀ ପୁସ୍ତକରେ ସ୍ଥାନୀତ ହୋଇଛି ତାହା ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ ।

### ନକ୍ଷତ୍ରିକା

**ସୁଜିତ କୁମାର ମିଶ୍ର, ପ୍ରକାଶକ- କାବ୍ୟଲୋକ ଗ୍ୟାରେଜ ଛକ, ଭୁବନେଶ୍ୱର-୨, ମୂଲ୍ୟ-୨୦୦ଟଙ୍କା**

ଏହା ଏକ ଏକପଦୀ କବିତା ସଂକଳନ । ଏକପଦୀ କବିତା ସୃଷ୍ଟି ଏକ କଳାତ୍ମକ ଉତ୍ତରଣ । ମିଠାଛନ୍ଦ ଏକପଦୀ କବିତାର ଏକ ବିଶେଷ ଆକର୍ଷଣ । ସ୍ୱଳ୍ପ ସମୟରେ ଏକପଦୀ କବିତା ଲେଖିବା ବାସ୍ତବରେ ଦୁରୁହ ବ୍ୟାପାର । ଜୀବନର ଚଲାବାଟରେ ଯେଉଁ ପ୍ରେରଣାଦାୟୀ ପ୍ରଣମ୍ୟ ଚରିତ୍ରଗୁଡିକ ପ୍ରଭାବିତ କରିଛନ୍ତି ସେ ଚରିତ୍ରଗୁଡିକୁ ଲେଖକ





କବିତା ମାଧ୍ୟମରେ ଜୀବନ୍ତ କରିଛନ୍ତି । ସଂକଳନରେ ଥିବା କବିତାଗୁଡିକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ପ୍ରତିଫୁଲ ତୁମେ ଓ ମୁଁ ଶିରୋନାମାରେ କବିତାଗୁଡିକୁ ପାଠକଲେ ମନେହୁଏ କେହି ଯେମିତି ଉତ୍ତୀର୍ଣ୍ଣ ପ୍ରେମର କାଳିରେ ଦେହାତୀତ ଜଗତକୁ ଆଙ୍କି ଦେଇଛି । ଦ୍ୱିତୀୟରେ କେତେକ ଏକପଦୀ ସୂକ୍ଷ୍ମ ଆବେଦନକୁ ନେଇ ରଚନା କରାଯାଇଛି । ପୁସ୍ତକଟି ପାଠକୀୟ ସ୍ୱୀକୃତିର ଆଶା ରଖେ ।

### ଅପରୂପ ଶ୍ରୀ ଜଗନ୍ନାଥ

**ସଂକଳନ ଓ ସମ୍ପାଦନା ପୀତବାସ ରାଉତରାୟ ପ୍ରକାଶକ- ଅନନ୍ୟ ଜଗନ୍ନାଥ ସଂସ୍ଥାନ ଅନନ୍ୟା, ଏ/୬୬ ପିପିଏଲ ହାଉସିଂ କଲୋନୀ ଭୁବନେଶ୍ୱର-୧୯, ମୂଲ୍ୟ- ୫୦୦ଟଙ୍କା**

ଅପରୂପ ଶ୍ରୀ ଜଗନ୍ନାଥ ପୁସ୍ତକକୁ ସମ୍ପାଦନା କରିଛନ୍ତି ପୀତବାସ ରାଉତରାୟ । ପ୍ରତିବର୍ଷ ରଥଯାତ୍ରା ଅବସରରେ ଜଗନ୍ନାଥଙ୍କ ମହିମାକୁ ନେଇ ସେ ପୁସ୍ତକ ପ୍ରକାଶ କରିଥାନ୍ତି । ସେ ଜଗତର ନାଥ ଜଗନ୍ନାଥ, ଭାବର ଠାକୁର ତାଙ୍କୁ ଯିଏ ସମର୍ପଣ ଭାବେ




ଡାକିଛି ସେ ନିଶ୍ଚୟ ତା' କଥା ଶୁଣିଛନ୍ତି । ସେ ଭୂଜତଳେ ସମସ୍ତଙ୍କୁ ସ୍ଥାନ ଦେଇଛନ୍ତି । ଉକ୍ତ ପୁସ୍ତକରେ ଜଗନ୍ନାଥପ୍ରେମୀମାନଙ୍କର ବିଭିନ୍ନ ଅନୁଭୂତି ସୁନ୍ଦର ଭାବେ ସ୍ଥାନିତ ହୋଇଛି । ଏହାଛଡ଼ା ଜଗନ୍ନାଥଙ୍କ ସହ ଜଡିତ ବିଭିନ୍ନ ଲୀଳାକ୍ଷେତ୍ର ସମ୍ପର୍କରେ ପୁସ୍ତକରେ ବର୍ଣ୍ଣନା ରହିବା ସହ ବିଭିନ୍ନ ଫଟୋଚିତ୍ରକୁ ମଧ୍ୟ ସ୍ଥାନ ଦିଆଯାଇଛି ।

# ତାଳଗଛ ଚଢ଼ା ପ୍ରତିଯୋଗିତା



ଉଚ୍ଚା ଉଚ୍ଚା ତାଳଗଛରେ ଚଢ଼ିବା ଆଦୌ ସହଜ ନୁହେଁ। ଅନେକ ଅଭ୍ୟାସ କଲେ ଯାଇ ଜଣେ ଚଢ଼ିପାରିବେ ଏହି ଗଛ। ଭାବିଲେ ଦେଖି ଯଦି ଏଇ ତାଳଗଛର ଗଣ୍ଡିରେ ତେଲ ବୋଳି ଦିଆଯାଏ ପରିସ୍ଥିତି କେମିତି ହେବ! ଚଢ଼ିବା ଅସମ୍ଭବ ହେଇଯିବ ନିଶ୍ଚିତଭାବେ। ତେବେ ପ୍ରତିବର୍ଷ ଅଗଷ୍ଟ ୧୭ ତାରିଖ, ଇଣ୍ଡୋନେସିଆର ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ପାରମ୍ପରିକ ପର୍ବ ପାଳନ ସହ ଆତସବାଜି ଓ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ ହୁଏ। ତନ୍ମଧ୍ୟରେ ତାଳଗଛ ଚଢ଼ା ପ୍ରତିଯୋଗିତା ଅନ୍ୟତମ। ଏଥିରେ ତାଳଗଛର ଗଣ୍ଡିଗୁଡ଼ିକୁ ଗ୍ରିଜ୍ କରିଦିଆଯାଏ। ଆଉ ପୂରା ଶିଖରରେ ଅର୍ଥାତ୍ ପତ୍ର ରହୁଥିବା ସ୍ଥାନରେ ନାନା ପ୍ରକାରର ଉପହାର ରଖାଯାଏ। ଏଥିରେ ଚାରିଜଣିଆ ଟିମ୍ ଅଂଶଗ୍ରହଣ କରନ୍ତି। ଏହି ଖସଡ଼ା ତାଳଗଛର ଗଣ୍ଡିକୁ ଚଢ଼ିବାବେଳେ ଆୟୋଜକମାନେ ପ୍ରତିଯୋଗୀଙ୍କ ଉପରେ ପାଣି ବି ଢାଳିଥାଆନ୍ତି। ଯେଉଁମାନେ ଏହିସବୁ ପ୍ରତିବନ୍ଧକକୁ ସାମ୍ନା କରି ପ୍ରଥମେ ଉପରକୁ ଚଢ଼ିପାରନ୍ତି, ସେହି ଦଳ ବିଜୟୀ ହୁଏ। ଆଉ ଗଣ୍ଡିର ଉପର ଭାଗରେ ଥିବା ଉପହାର ସେମାନଙ୍କର ହୁଏ।

ବ୍ୟାକ୍ ପେଜ୍



# ଆମ୍ଲେଟ୍‌ର ଦାମ୍ ଏତେ!

ପ୍ରତିଦିନ ଅଣ୍ଡା ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଆଉ ଏହା ପକେଟକୁ ସୁହାଇବା ଭଳି ଦାମ୍‌ରେ ବି ଉପଲବ୍ଧ ହୁଏ। ତେଣୁ ଅନେକେ ନିଜ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରିଥାଆନ୍ତି। କିଏ ସିଝା ଖାଆନ୍ତି ତ କିଏ ଆମ୍ଲେଟ୍, ଭୁଜିଆ, ତରକାରି ଅବା ଅନ୍ୟ କିଛି ଡିଶ୍ ପ୍ରସ୍ତୁତ କରି ଖାଆନ୍ତି। ତେବେ ଜାଣନ୍ତି କି ନ୍ୟୁୟର୍କସ୍ଥ ମାନହଟାନ୍‌ରେ ଅଛି ଏମିତି ଏକ ରେଷ୍ଟୁରାଣ୍ଟ, ଯେଉଁଠି ଗ୍ରାହକଙ୍କୁ ପରଷାଯାଏ ଏଭଳି ଏକ ଆମ୍ଲେଟ୍, ଯାହାକୁ ଖାଇବା ସମସ୍ତଙ୍କପକ୍ଷେ ସମ୍ଭବ ନୁହେଁ। କାରଣ ଏହାର ଦାମ୍ ଆକାଶଛୁଆଁ। ଅର୍ଥାତ୍ ଗୋଟିଏ ଆମ୍ଲେଟ୍‌ର ମୂଲ୍ୟ ୧୦୦୦ ଡଲାର ବା ୮୪, ୧୬୦ ଟଙ୍କା। ନର୍ମାନ୍ସ ରେଷ୍ଟୁରାଣ୍ଟରେ ମିଳୁଥିବା ଏହି ଆମ୍ଲେଟ୍‌ରେ ୬ଟି ଅଣ୍ଡା, ଏକ ବଡ଼ ଲୋବଷ୍ଟରର ପୂରା ମାଂସ, ୨୮ ଗ୍ରାମର ଏକ ସ୍ୱତନ୍ତ୍ର ପ୍ରକାରର ମାଛଅଣ୍ଡା ଆଦି ପକାଯାଇଥାଏ। ଯାହା ଆମ୍ଲେଟ୍‌କୁ ସ୍ୱାଦିଷ୍ଟ କରିବା ସହ ଏହାର ଦାମ୍ ଅଧିକ କରାଏ।



# ପୁସ୍ତକ ଗାଁ



ପୁସ୍ତକପ୍ରେମୀଙ୍କୁ ଭଲ ବହି ଖଣ୍ଡେ ଓ ନିରୋଳା ଜାଗାଟିଏ ମିଳିଗଲେ ବେଶ୍ ଖୁସିରେ ସେମାନେ ଘଣ୍ଟା ଘଣ୍ଟା ବସି ପଢ଼ନ୍ତି। ତେବେ ଭାବିଲେ ଦେଖି ଯଦି ଏକ ଗାଁ ପୁସ୍ତକାଳୟ ପାଲଟିଯାଏ, ତେବେ ବହି ପଢ଼ିବାକୁ ଭଲ ପାଉଥିବା ମଣିଷକୁ କେମିତି ଲାଗିବ। ବୋଧହୁଏ ସେ ଖୁସିରେ ଆତ୍ମହରା ହୋଇଯିବେ। ଭାବୁଥିବେ ଏମିତି କ'ଣ ସମ୍ଭବ ? ମହାରାଷ୍ଟ୍ର, ସିତାରା ଜିଲା ଅନ୍ତର୍ଗତ ଭିଲାର ଗାଁ ଏବେ ବେଶ୍ ପରିଚିତ 'ପୁସ୍ତକ ଗାଁ' ଭାବେ। ଏଠାକାର ୨୫ଟି ସ୍ଥାନ ଯେମିତିକି କିଛି ଘର, ସ୍କୁଲ, ମନ୍ଦିର ଆଦି ପାଲଟିଛି ପାଠାଗାର। ଏହି ପାଠାଗାରରେ ସାହିତ୍ୟ, ଧର୍ମ, ମହିଳା, ପିଲା, ଇତିହାସ, ପରିବେଶ, ଲୋକ ସାହିତ୍ୟ, ଆତ୍ମଜୀବନୀ ଭଳି ଅନେକ ପୁସ୍ତକ ଉପଲବ୍ଧ ହେଉଛି। ଗାଁର ଛୋଟରୁ ବଡ଼ ସମସ୍ତେ ପାଠାଗାରରେ କିଛି କିଛି ସମୟ ବିତାନ୍ତି। ଏହାବାଦ୍ ପର୍ଯ୍ୟଟକମାନେ ମଧ୍ୟ ଏହି ପାଠାଗାରକୁ ଯାଇ ବହି ପଢ଼ନ୍ତି। ଗାଁରେ ବିଭିନ୍ନ ପ୍ରକାରର ସାହିତ୍ୟ କାର୍ଯ୍ୟକ୍ରମ ବି ହୁଏ।